

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



**ଆବଶ୍ୟକ**

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com









## ୧.୭୫କୋଟି ଲୋକଙ୍କୁ ମିଳିବ ମାଗଣା ଏଲପିଜି ସିଲିଣ୍ଡର




ନୂଆଦିଲ୍ଲୀ, ୯/୩: ୧.୭୫କୋଟି ଲୋକଙ୍କୁ ମିଳିବ ମାଗଣା ଏଲପିଜି ସିଲିଣ୍ଡର । ରଙ୍ଗର ପର୍ବ ହୋଲିରେ ଉତରପ୍ରଦେଶବାସୀଙ୍କୁ ବଡ ଉପହାର ଦେଲେ ଯୋଗୀ ସରକାର । କ୍ୟାବିନେଟ ବୈଠକରେ ଏଲପିଜି ସିଲିଣ୍ଡରର ମୂଲ୍ୟ ୧୦୦ଟଙ୍କା ହ୍ରାସ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ। ଏହା ପରେ ଏବେ ଉନ୍ନରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ହୋଲିରେ ଏକ ବଡ ଉପହାର ଦେବେ ବୋଲି ଘୋଷଣା କରିଛନ୍ତି। ରାଜ୍ୟରେ ଥିବା ୧କୋଟିରୁ ଅଧିକ ପରିବାରକୁ ମାଗଣାରେ ଏଲପିଜି ସିଲିଣ୍ଡର ଦିଆଯିବ ବୋଲି ଘୋଷଣା କରାଯାଇଛି ।ଏହି ମାଗଣା ସିଲିଣ୍ଡର ସରକାରଙ୍କ ଘୋଷଣାର ଦ୍ୱିତୀୟ ପର୍ଯ୍ୟାୟ ହେବ ଯେଉଁଥିରେ ଗୋଟିଏ ବର୍ଷରେ ୨ଟି ମାଗଣା ଏଲପିଜି ସିଲିଣ୍ଡର ଯୋଗାଇଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପୂର୍ବରୁ ଉନ୍ନରପ୍ରଦେଶର ଯୋଗୀ ସରକାର ଦୀପାବଳିରେ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ମାଗଣା ସିଲିଣ୍ଡର ଦେଇଥିଲେ। ଏହି ସୁବିଧା ଯୋଗାଇବା ପାଇଁ ଯୋଗୀ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨୩୧୨ କୋଟି ଟଙ୍କା ବଜେଟ୍ ଘୋଷଣା କରିଥିଲେ ।

## ମେଂଟ ନେଇ କୌଣସି ଚର୍ଚ୍ଚା ହୋଇନି: ତୋମାର



ନୂଆଦିଲ୍ଲୀ, ୯/୩: ମେଂଟ ନେଇ କୌଣସି ଚର୍ଚ୍ଚା ହୋଇନି ବୋଲି କହିଛନ୍ତି ରାଜ୍ୟ ବିଜେପି ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂହ ତୋମାର । ଏପର୍ଯ୍ୟନ୍ତ ଏନେଇ କୌଣସି ଚର୍ଚ୍ଚା ହୋଇନାହିଁ । ଶୁକ୍ରବାର ରାଜ୍ୟ ସଭାପତି ମନମୋହନ ଦେଇଥିବା ମନ୍ତବ୍ୟକୁ ଦୋହରାଇଛନ୍ତି ତୋମାର । ସେ କହିଛନ୍ତି ବିଧାନସଭାରେ ୮୦ରୁ ଅଧିକ ସିଟ୍ ଜିତି ସରକାର ଗଢ଼ିବୁ ଏବଂ ଲୋକସଭାରେ ୧୬ରୁ ଅଧିକ ସିଟରେ ବିଜୟୀ ହେବୁ । ଦିଲ୍ଲୀ ଯାଇଥିବା ୨ ବିଜେଡି ନେତାଙ୍କ ସହ ତାଙ୍କର ଭେଟ ହୋଇନଥିବା ସ୍ୱଷ୍ଟ କରିଛନ୍ତି । ମେଂଟ କଥା ଯିଏ କହୁଛନ୍ତି ତାଙ୍କୁ ପଚରା ବୋଲି ତୋମାର ଗଣମାଧ୍ୟମରେ କହିଛନ୍ତି ।







କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone/Fax: (06767) 255916
Email: utkalsamachar@gmail.com, Mob: 9437086122


# ଆନ୍ତର୍ଜାତିକ ମହିଳା ଦିବସ

## ଟିଏସ୍ଏଫ୍ ବଢ଼ାଇଛି ସହଯୋଗର ହାତ



ଯୋଡା, ୯/୩ (ନି/ପ୍ର): ଆଜି ସାରା ବିଶ୍ୱ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରୁଥିବା ବେଳେ ଯୋଡାର ତିନି ଜଣ ଗ୍ରାମୀଣ ମହିଳା ପାରମ୍ପରିକ ଚିନ୍ତାଧାରା କୁ ଭାଙ୍ଗି ସଫଳତା ସାଉଁଟୁଛନ୍ତି ଓ ଉଦୀୟମାନ ଫୁଟ୍ ?ବଲ ଖେଳାଳି ରୂପଶ୍ରୀ ମୁଣ୍ଡା ଓ ଅମ୍ଲିନ ପୂର୍ତିଙ୍କ ସହ ଭାରୀ ଯାନ ଚାଳିକା ନିର୍ମଳା ଲାଗୁରି ମଧ୍ୟ ସ୍ଥାନୀୟ ମହିଳାଙ୍କ ପାଇଁ ଉଦାହରଣ ସାଜିଛନ୍ତି ଓ ଉଦୀୟମାନ ଫୁଟବଲ ଖେଳାଳି ରୂପଶ୍ରୀ ମୁଣ୍ଡା ନିଜ କ୍ରୀଡ଼ା ସଫଳତା ପାଇଁ ନିଜ ଅଂଚଳରେ ବେଶ୍ ପରିଚିତ । ରୋଇଡା ପଂଚାୟତର କ୍ୟାମ୍ପ ହଟିଂର ବାସିନ୍ଦା ରୂପଶ୍ରୀ ୨୦୧୯ ରେ ଯୋଡାସ୍ଥିତ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ)ର ତୃଣମୂଳ ସ୍ତରୀୟ ଫୁଟବଲ ଏକାଡେମୀରେ ଯୋଗ ଦେବା ପରେ ଫୁଟବଲ ପ୍ରତି ତାଙ୍କର ଭଲପାଇବା ଜାଣିବାକୁ ପାଇଥିଲେ । ସେ କଟକରେ ୧୭ ବର୍ଷରୁ କମ୍ ଜାତୀୟ ଟ୍ରାଏଲ ଟୁର୍ଣ୍ଣାମେଂଟ୍‌ରେ ଅଂଶଗ୍ରହଣ କରିଥିଲେ ଏବଂ ଶେଷରେ ନେପାଳ ସାଫ୍ ଖେଳ ସମେତ ଫୁଟବଲ ଟୁର୍ଣ୍ଣାମେଂଟ ରେ ଜାତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ । ସେ ବର୍ତ୍ତମାନ ନେପାଳରେ ଚାଲି ଥିବା ସାଫ୍ କ୍ରୀଡ଼ା ରେ ୧୬ ବର୍ଷରୁ କମ୍ ଜାତୀୟ ଦଳରେ ସ୍ଥାନ ପାଇ କ୍ରୀଡ଼ାରେ ତାଙ୍କର ନିଷ୍ଠାପରତା ଏବଂ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ରୂପଶ୍ରୀ ଙ୍କ ଭଳି ସେହି ଗାଁର ଅମ୍ଲିନ ପୂର୍ତି ମଧ୍ୟ ଜଣେ ଉଦୀୟମାନ ଫୁଟବଲ ଖେଳାଳି । ସେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି । ଅମ୍ଲିନ ୨୦୧୯ ରେ ଯୋଡାସ୍ଥିତ ଟିଏସ୍ଏଫ୍‌ର ତୃଣମୂଳ ସ୍ତରୀୟ ଫୁଟବଲ ଏକାଡେମୀରେ ଯୋଗ ଦେବା ପରେ ଫୁଟବଲରେ ତାଙ୍କର ପରିଚୟ ହାସଲ କରିଥିଲେ । ଟିଏସ୍ଏଫ୍ ସହାୟତାରେ ସେ ଇଣ୍ଡିଆ ଖେଲୋ ଫୁଟବଲ ର ନୂଆମୁଣ୍ଡି ଟୁର୍ଣ୍ଣାମେଂଟରେ ଅଂଶଗ୍ରହଣ କରି କଟକରେ ୧୭ ବର୍ଷରୁ କମ୍ ଜାତୀୟ ଟ୍ରାଏଲ ଟୁର୍ଣ୍ଣାମେଂଟ୍‌ରେ ସ୍ଥାନ ଅର୍ଜନ କରିଥିଲେ । ଫୁଟବଲ ଟୁର୍ଣ୍ଣାମେଂଟ୍‌ରେ ଜାତୀୟ ଦଳର ପ୍ରତିନିଧିତ୍ୱ କରିବା ଦ୍ୱାରା ତାଙ୍କ ପ୍ରତିଭା ଓ କଠିନ ପରିଶ୍ରମର ସୁଫଳ ମିଳିଥିଲା ଏବଂ ସେ କ୍ରୀଡ଼ାରେ ଅନ୍ୟମାନଙ୍କ ପାଇଁ ଏକ ସମ୍ଭାବନାମୟ ଭବିଷ୍ୟତ ସୃଷ୍ଟି କରିପାରିଛନ୍ତି । ତେବେ ନିର୍ମଳା ଲାଗୁରୀଙ୍କ କାହାଣୀ ଭିନ୍ନ । ପୂର୍ବରୁ କୌଣସି ମହିଳା ପ୍ରବେଶ କରିନଥିବା କ୍ଷେତ୍ରରେ ଲିଙ୍ଗଗତ ପାରମ୍ପରିକ ଚିନ୍ତାଧାରାକୁ ଭାଙ୍ଗି ଏକ ପୁରୁଷ ପ୍ରାଧାନ୍ୟ କ୍ଷେତ୍ରରେ ନିର୍ମଳା ପ୍ରବେଶ କରି ଭାରି ଯାନ ଚଳାଇ ନିଜର ଯାତ୍ରା ଆରମ୍ଭ କରିଥିଲେ । ଜୀବନରେ ସ୍ୱାସ୍ଥ୍ୟ ଗତ ସମସ୍ୟାର ସମ୍ମୁଖୀନ ହେବା ଏବଂ ଅସ୍ତ୍ରୋପଚାର ପରେ ସେ ଟିଏସ୍ଏଫ୍ ଦ୍ୱାରା ସମର୍ଥିତ ଏଚ୍ଏମ୍‌ଭି ପ୍ରଶିକ୍ଷଣରେ ନାମ ଲେଖାଇଥିଲେ । ଏହା ତାଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ ଆଣିଥିଲା । ସେ ସଫଳତାର ସହ ପ୍ରଶିକ୍ଷଣ ଶେଷ କରିବା ପରେ ତାଙ୍କ ସାଥୀମାନଙ୍କ ମଧ୍ୟରେ 'ଶ୍ରେଷ୍ଠ ପ୍ରଶିକ୍ଷାର୍ଥୀ' ପୁରସ୍କାର ମଧ୍ୟ ପାଇଥିଲେ । ସରକାରୀ ଯୋଜନାରେ ଚାକିରି କରି ନିର୍ମଳା ଏବେ କେନ୍ଦୁଝରରୁ ଯୋଡ଼ା ପୌରପାଳିକାକୁ ବସ୍ ଚଳାଉଛନ୍ତି ଏବଂ ରୋଜଗାର କରି ପିଲାଙ୍କ ପାଠପଢ଼ା ପାଇଁ ସଂଚୟ ମଧ୍ୟ କରୁଛନ୍ତି । ମାର୍ଚ୍ଚ ୮ରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍ଏଫ୍) ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ତିନି ଜଣ ମହିଳାଙ୍କ ସଫଳତାକୁ ମାନ୍ୟତଓ ପ୍ରଦାନ କରିଛି

### ସାନଘାଗରାରେ ଟ୍ରି ହାଉସ, ଝୁଲାପୋଲ ପର୍ଯ୍ୟଟକଙ୍କ ପାଇଁ ବନ ବିଭାଗର ପ୍ରୟାସ



କେନ୍ଦୁଝର,୯/୩ (ନି/ପ୍ର): ସଜେଇ ହେଉଛି କେନ୍ଦୁଝର ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳ ସାନଘାଗରା। ବନ ବିଭାଗ ଏଠାରେ ନିର୍ମାଣ କରୁଛି ଝୁଲାପୋଲ ସାଙ୍ଗକୁ ଟ୍ରି ହାଉସ୍ (ଗଛ ଘର)। ସାନଘାଗରା ପ୍ରକୃତି ନିବାସକୁ ଆସୁଥିବା ପର୍ଯ୍ୟଟକମାନେ ଏହି ଝୁଲାପୋଲ ଓ ଟ୍ରି ହାଉସ୍‌ର ଭରପୂର ମଜା ଉଠାଇ ପାରିବେ। କେନ୍ଦୁଝର ସହର ଉପକଣ୍ଠ ସାନଘାଗରାରେ ରହିଛି ପ୍ରକୃତି ନିବାସ। ବନ ବିଭାଗ ପକ୍ଷରୁ ନିର୍ମିତ ଏହି ପ୍ରକୃତି ନିବାସରେ ରହିଛି ୫ଟି କଟେଜ୍। ଏଥିସହ ଗୋଟିଏ ଡରମିଟୋରି ଓ ଡ୍ରାଇଭରଙ୍କ ପାଇଁ ଏକ ବିଶ୍ରାମ ଗୃହ। ଏହି ପ୍ରକୃତି ନିବାସରେ ରହିବା ପାଇଁ ବନ ବିଭାଗ ପକ୍ଷରୁ ଅନ୍‌ଲାଇନ୍ ବୁକିଂ ବ୍ୟବସ୍ଥା କରାଯାଇଛି। ଏଠାରେ ପର୍ଯ୍ୟଟକଙ୍କ ପାଇଁ ଏବେ ନୂଆ ଝୁଲାପୋଲ ଓ ଟ୍ରି ହାଉସ୍ ନିର୍ମାଣ କରାଯାଉଛି। ଏହି ଝୁଲାପୋଲ ଧାଡ଼ି ହୋଇ ରହିଥିବା ଗଛଗୁଡ଼ିକୁ ସଂଯୋଗ କରି ନିର୍ମାଣ କରାଯାଉଛି। ଭୂମିଠାରୁ ଏହାର ଉଚ୍ଚତା ୨୦ ଫୁଟ ରହିଛି। ଏହି ଝୁଲା ପୋଲର ଲମ୍ବ ପ୍ରାୟ ୨୭୦ ଫୁଟ। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ପ୍ରକୃତି ନିବାସର କଟେଜ୍‌ରେ ରହିବା ସହ ଝୁଲାପୋଲରେ ଚାଲିଚାଲି ବୁଲିପାରିବେ। ଝୁଲାପୋଲରେ ଚାଲିବା ସମୟରେ ଥକା ଲାଗିଲେ ମଝିରେ ମଝିରେ ଟ୍ରି ହାଉସ୍ ରହିଛି। ଏଠାରେ ପର୍ଯ୍ୟଟକମାନେ ବିଶ୍ରାମ ନେଇ ପାରିବେ। ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ଝୁଲାପୋଲ ଓ ଟ୍ରି ହାଉସ୍ ନିର୍ମାଣ ହେଉଥିବା ବେଳେ ଖୁବ୍‌ଶୀଘ୍ର ପର୍ଯ୍ୟଟକଙ୍କ ପାଇଁ ଏହା ଖୋଲାଯିବ ବୋଲି ବନ ବିଭାଗ ସୂଚନା ଦେଇଛି। ଏ ସମ୍ପର୍କରେ ଡିଏଫ୍‌ଓ ଏଚ୍‌ଡି ଧନରାଜ କହିଛନ୍ତି, ଏଠାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରକୃତିକୁ ଭଲ ପାଉଥିବା ପର୍ଯ୍ୟଟକମାନେ ନିୟମିତ ଆସିଥାନ୍ତି। ସେମାନଙ୍କ ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

## ଅନୁଗୁଳ ଜିଲ୍ଲା ପ୍ରଶାସନ ର ରାଜକୋଷ ଖାଲି



ଅନୁଗୁଳ,୯/୩ (ନି/ପ୍ର): ଅନୁଗୁଳ ଜିଲ୍ଲାରେ କୋଟି କୋଟି ଟଙ୍କାରେ ଏକ ମ୍ୟୁଜିୟମ ବ୍ଲାକ ଡାଇମଣ୍ଡ ନାମରେ ତିଆରି କରାଯାଇଥିଲା। ଯାହାର ପ୍ରବେଶ ପାଇଁ ଜନସାଧାରଣ ଶୁଳ୍କ ପ୍ରଦାନ କରୁଥିଲେ। ଯାହାର ବିଜୁଳି ସଂଯୋଗ ପାଇଁ ଓଡିଶା ର ବିଜୁଳି ବିଭାଗ ଟି ପି ସି ଓ ଡି ଏଲ ନାମକ ଠିକା ସଂସ୍ଥା କୁ ପ୍ରଦାନ କରାଯାଇଥିଲା। କିନ୍ତୁ ଜିଲ୍ଲା ପ୍ରଶାସନ ବିଜୁଳି ସଂଯୋଗ ନେଇ ଜନସାଧାରଣ ଙ୍କ ପାଖରୁ ପ୍ରଶଂସା ସାଉଁଟିବାରେ ଲାଗୀ ପଡିଥିଲା। ଏଥିମଧ୍ୟରେ ବିଜୁଳି ଶୁଳ୍କ ଲକ୍ଷାଧିକ ଟଙ୍କା ପଡି ରହିଥିଲା। ଶେଷରେ ବିଜୁଳି ବିଭାଗ ପକ୍ଷରୁ ସଂଯୋଗ କାଟିବାରେ ନିଷ୍ପତ୍ତି ନେଇ ବ୍ଲାକ୍ ଡାଇମଣ୍ଡ ରେ ପହଂଚିଥିଲେ । ବିଶେଷ ସୂତ୍ରରୁ ଜଣାପଡ଼ୁଛି କି ଡାଇମଣ୍ଡ ଫାଟକ ବନ୍ଦ ଥିବାରୁ ବିଜୁଳି ବିଭାଗ ପାଚେରୀ ଡେଇଁ ବିଜୁଳି ବିଚ୍ଛିନ୍ନ କରିଥିଲେ। ଏଥିନେଇ ଅତିରିକ୍ତ ଜିଲ୍ଲାପାଳ ଙ୍କୁ ପଚାରିବାରୁ ନିର୍ଯାତ ବିଭାଗକୁ ଯୋଗାଯୋଗ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ।ନିର୍ଯାତ ବିଭାଗକୁ ଫୋନରେ ଯୋଗାଯୋଗ କରିବାରୁ ଫୋନ ଉଠାଇ ନଥିଲେ। ବିଜୁଳି ବିଭାଗ ସହ ଯୋଗାଯୋଗ କରାଯିବାରୁ କହିଥିଲେ କି ବ୍ଲାକ୍ ଡାଇମଣ୍ଡ ରେ ପ୍ରାୟ ୧୮ ଲକ୍ଷ ଟଙ୍କା ବାକି ରହିଥିଲା କିନ୍ତୁ ପୈଠ କରିନଥିଲେ। ମାର୍ଚ୍ଚ ମାସ ଥିବାରୁ ବିଜୁଳି ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା ।ଜିଲ୍ଲା ପ୍ରଶାସନ ପକ୍ଷରୁ ସାତଦିନ ମଧ୍ୟରେ ଟଙ୍କା ପୈଠ କରିବାର ପ୍ରତିଶ୍ରୁତି ଦେବାରୁ ଆଉଥରେ ବିଜୁଳି ସଂଯୋଗ କରାଯାଇଛି।

## ନେତା ନିରବ, ଶିବିର ଶୂନ୍‌ଶାନ୍



ଅନୁଗୁଳ,୯/୩ (ନି/ପ୍ର): ମେଂଟ ହେଲେ କାହା ଭାଗରେ ପଡ଼ିବ କେଉଁ ଆସନ ଲୋକସଭା ପ୍ରାର୍ଥୀ କିଏ ହେବ ୫ ବର୍ଷ ବୁଲି ବୁଲି ସଂଗଠନ କରିଥିବା ନେତା ଟିକେଟ୍ ନ ପାଇଲେ କରିବେ କ'ଣ ମୁଣ୍ଡ ଉପରେ ସାଧାରଣ ନିର୍ବାଚନ ରହିଥିଲାବେଳେ ଏମିତି ଅନେକ ଅସମାହିତ ପ୍ରଶ୍ନ ଏବେ ଅନୁଗୁଳ ରାଜନୀତିକୁ ଗୋଳିଆ କରିଛି। ଅନୁଗୁଳ ଜିଲ୍ଲାର ସମସ୍ତ ୫ଟି ଯାକ ବିଧାନସଭା କ୍ଷେତ୍ର ଏବେ ବିଜେଡି ଖାତାରେ ରହିଛି। ଢେଙ୍କାନାଳ ଲୋକସଭା ଆସନ ବି ବିଜେଡି ଜିତିଛି। କିନ୍ତୁ, ମେଂଟ ହେଲେ ସମୀକରଣ ବଦଳିବା ଥୟ। ୨୦୦୦ରୁ ୨୦୦୯ ଭିତରେ ବିଜେଡି ଓ ବିଜେପି ଭିତରେ ଭାଗୁଆଳି ସରକାର ଚାଲିଥିଲା। ସେତେବେଳେ ଅନୁଗୁଳ ଜିଲ୍ଲାର ତାଳଚେର ଓ ପାଳଲହଡ଼ା ଆସନ ବିଜେପି ଭାଗରେ ପଡ଼ିଥିଲା। ସେହିସମୟରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଗଠନ ହୋଇ ନଥିଲା। ଅନୁଗୁଳ ଓ ଆଠମଲ୍ଲିକ ବିଜେଡି ଭାଗରେ ପଡ଼ିଥିଲା। ଏବେ ପୁଣି ମେଂଟ ହେଲେ ଏହି ଆସନ ଭାଗବଂଟା କେଉଁ ଆଧାରରେ ହେବ ତା'କୁ ନେଇ ବିଭିନ୍ନ ଦଳ ଅଲଗା ଅଲଗା ଅନୁମାନ ଲଗାଉଛନ୍ତି। ବିଜେଡି ଶିବିରରୁ ମିଳିଥିବା ସୂଚନା ଅନୁସାରେ, ଯଦି ମେଂଟ ହୁଏ ତେବେ ପାଳଲହଡ଼ା ଓ ଛେଣ୍ଡିପଦା ଆସନ ବିଜେପି ଭାଗରେ ପଡ଼ିପାରେ। ଆଉ ଏକ ସୂତ୍ର କହୁଛି, ଅନୁଗୁଳ ଓ ତାଳଚେରରୁ ଗୋଟିଏ ଆସନ ବିଜେପି ଚାହୁଁଛି। କିନ୍ତୁ, ଆଠମଲ୍ଲିକ ଆସନ ପୂର୍ବପରି ବିଜେଡି ନିଜ ପାଖରେ ରଖିବ। ଏଠାରେ ଅଦଳବଦଳ ସମ୍ଭାବନା କମ୍। ଏହା ଜଣାପଡ଼ିବା ପରେ ବିଧାୟକଙ୍କ ଭିତରେ ଭାଳେଣି ପଡ଼ିଗଲାଣି। ଟିକେଟ କଟିବା ଆଶଙ୍କାରେ କାହାରି ମୁହଁରେ ଆଉ ସରସ ନାହିଁ। ଖାଲି ବିଧାୟକମାନେ ଯେ ଚିନ୍ତାରେ ପଡ଼ିଛନ୍ତି ତାହା ନୁହେଁ। ବିଜେଡି ଟିକେଟ ଆଶାରେ ବର୍ଷ ବର୍ଷ ବୁଲି ସଂଗଠନ କରିଥିବା ବହୁ ନେତାଙ୍କ ହାଲକ ଶୁଖିଗଲାଣି। ନିଜ ପଲା ଭାରି କରିବାକୁ ପାଣି ପରି ଟଙ୍କା ଖର୍ଚ୍ଚ କରିଥିବା ଏହି ଆଶାୟୀ ନେତାମାନେ ଏବେ କେଉଁ କୂଳର ହେବେ, ତା'କୁ ନେଇ ଚିନ୍ତାରେ ପଡ଼ି ଯାଇଛନ୍ତି। ବିଶେଷକରି, ଅନୁଗୁଳ ଓ ପାଳଲହଡ଼ା ନିର୍ବାଚନକ୍ଷେତ୍ରରେ ଏକାଧିକ ବିଜେଡି ଆଶାୟୀ ଥିବାରୁ ଏଠାରେ ବିଜେଡି ଶିବିରରେ ନିରବତା ଖେଳି ଯାଇଛି। ଏପଟେ ବିଜେପି ଶିବିରରେ ମଧ୍ୟ ହଲଚଲ ଦେଖାଯାଇଛି। ମେଂଟ ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଢେଙ୍କାନାଳ ଲୋକସଭା କ୍ଷେତ୍ରରୁ ଲଢ଼ିବାର ସମ୍ଭାବନା ଅଧିକ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି। ଏଥିପାଇଁ ଦଳ ପାଳଲହଡ଼ା ଓ ପର୍ଜଙ୍ଗ ବିଧାନସଭା ଆସନ ମାଗିଥିବା ଏହି ସୂତ୍ରରୁ ଜଣାପଡ଼ିଛି। ଏପରିକି ଧର୍ମେନ୍ଦ୍ରଙ୍କ ପୁରୁଣା ଆସନ ପାଳଲହଡ଼ାରୁ ତାଙ୍କ ଧର୍ମପତ୍ନୀ ମୃଦଳା ଠାକୁର ପ୍ରଧାନ ପ୍ରାର୍ଥୀ ହେବାନେଇ ଚର୍ଚ୍ଚା ହେଉଛି। ଏହାହେଲେ ଅନ୍ୟ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ହେବାକୁ ଥିବା ବିଜେପି ନେତାଙ୍କୁ ନିରାଶ ହେବାକୁ ପଡ଼ିବ।

### ବନ ବିଭାଗ ପକ୍ଷରୁ କାଠ ବୋଝେଇ ଟ୍ରକ ଏବଂ ସ୍କର୍ପିଓ ଗାଡି ଜବତ

ପାଟଣା,୯/୩ (ନି/ପ୍ର) : କେନ୍ଦୁଝର ଜିଲ୍ଲା ଘଟଗାଁ ବନବିଭାଗ ପକ୍ଷରୁ କାଠ ବୋଝେଇ ଏକ ଟ୍ରକ ସହ ଗୋଟିଏ ସ୍କର୍ପିଓ ଗାଡି ଜବତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ବିଳମ୍ବିତ ରାତିରେ ଏକ ଟ୍ରକ ଯୋଗେ ଘଟଗାଁ ବ୍ଲକ ଅନ୍ତର୍ଗତ ସାନ୍ତରାପୁର ଗ୍ରାମରୁ କାଠ ବୋଝେଇ ହୋଇ ଯାଜପୁରକୁ ଚୋରା ଚାଲାଣ ହେଉଥିବା ବେଳେ କୌଣସି ସୂତ୍ରରୁ ବନବିଭାଗ ଖବର ପାଇ ଘଟଗାଁ ରେଞ୍ଜର ପ୍ରଭାତ କୁଅଁରଙ୍କ ନେତୃତ୍ୱରେ ଚଢାଉ କରାଯାଇ ୨୦ ନମ୍ବର ଜାତୀୟ ରାଜପଥର ମେଲାଣ ଗ୍ରାମ ନିକଟରେ ଟ୍ରକଟିକୁ ଜବତ କରା ଯାଇଥିଲା। ଏଥିସହ ଟ୍ରକ ଡ୍ରାଇଭର ପଦ୍ମପୁର ଅଂଚଳର ବିଦ୍ୟାଧର ସାହୁକୁ ଗିରଫ କରାଯାଇଛି। ସେହିପରି ଆଜି ଭୋର ୪ଟାରେ



ଏକ ସ୍କର୍ପିଓ ଗାଡ଼ିରେ କାଠ ଚାଲାଣ ହେଉଥିବା ବେଳେ କୋଳିପଶି ଗ୍ରାମ ନିକଟରେ ବନବିଭାଗ ମାଡି ବସିଥିଲା। ଗାଡିର ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଅନ୍ୟ ଯୁବକ ସାନ୍ତରାପୁର ଗ୍ରାମର ମୋହନ ନାଏକକୁ ଗିରଫ କରିଛି ବନବିଭାଗ। ଦୁଇଟି ଗାଡିରୁ ଜବତ କାଠ ଗୁଡିକର ଆନୁମାନିକ ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି।

## ରାଜନଗରରେ ପୁଣି କୁମ୍ଭୀର ମୁହଁରେ ଗଲା ଜୀବନ :

### ବଡ଼ ଭାଇ ଆଗରେ ସାନ ଭାଇକୁ ଟାଣିନେଲା କୁମ୍ଭୀର



ରାଜନଗର,୯/୩ (ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ଆଜି ପୁଣି କୁମ୍ଭୀର ମୁହଁରେ ଜଣଙ୍କର ଜୀବନ ଯାଇଛି। ବ୍ରାହ୍ମଣୀ ନଦୀକୁ ସଂଯୋଗ କରୁଥିବା ନାଳରୁ ପାଣି ଆଣି ଫସଲରେ ଦେଉଥିଲା ବେଳେ ବଡ଼ ଭାଇ ଆଗରୁ ସାନ ଭାଇକୁ ଟାଣି ନେଇଛି କୁମ୍ଭୀର। ରାଜନଗର ବ୍ଲକ୍ ଚାନ୍ଦିବାଉଁଶମୂଳ ପଂଚାୟତ ଦକ୍ଷିଣଭେଡ଼ା ଗାଁରେ ଏଭଳି ଅଘଟଣ ଘଟିଛି। ନାଳରୁ ପାଣି ଆଣିବା ପାଇଁ ଗରା ବୁଡ଼ାଇବା ବେଳେ ସେଠାରେ ପୂର୍ବରୁ ଜଗି ରହିଥିବା ମଣିଷ ଖିଆ କୁମ୍ଭୀର ହଠାତ ଝାମ୍ପ ମାରି ସାନ ଭାଇକୁ ଟାଣି ନେଇଥିଲା। କୁମ୍ଭୀର ନେଇଗଲା ବୋଲି ସାନ ଭାଇର ଚିତ୍କାର ଶୁଣି ବଡ଼ ଭାଇ ନାଳ ନିକଟକୁ ଯିବା ଭିତରେ କୁମ୍ଭୀର ତାଙ୍କୁ ନାଳ ମଝିକୁ ଟାଣି ନେଇ ସାରିଥିଲା। କୁମ୍ଭୀରକୁ ଟେକା ଫୋପାଡ଼ିବା ସହ ଡିଙ୍ଗି ଦ୍ୱାରା ଗୋଡ଼ାଇବା ବେଳକୁ କୁମ୍ଭୀରଟି ନାଳ ଭିତରକୁ ଚାଲି ଯାଇଥିଲା। ସୂଚନା ଅନୁଯାୟୀ ରାଜନଗର ବ୍ଲକ୍ ଚାନ୍ଦିବାଉଁଶମୂଳ ପଂଚାୟତ ଦକ୍ଷିଣଭେଡ଼ା ଗାଁର ନିମାଇଁ ମଲିକ (୪୦) ଓ ତାଙ୍କ ବଡ଼ ଭାଇ ନିର୍ମଳ ଘର ଠାରୁ ୨୦୦ ମିଟର ଦୂରରେ ଖରା ଦିନିଆ ପରିବା ଚାଷ କରିଥିଲେ। ବ୍ରାହ୍ମଣୀ ନଦୀ ଓ ନଦୀରୁ ବାହାରିଥିବା ନାଳ ମଝିରେ ଥିବା ଜମିରେ ଦୁଇ ଭାଇ ପରିବା ଚାଷ କରିଛନ୍ତି। ଆଜି ଗୋଟିଏ ପଟରେ ବଡ଼ ଭାଇ ନିର୍ମଳ ପାଣି ଦେଉଥିବା ବେଳେ ଅନ୍ୟପଟରେ ସାନ ଭାଇ ନିମାଇଁ ଫସଲରେ ପାଣି ଦେଉଥିଲେ। ନିମାଇଁ ପାଣି ଆଣିବା ପାଇଁ ନାଳ ଭିତରେ ଗରା ବୁଡ଼ାଇବା କ୍ଷଣି ଛକି ରହିଥିବା ମଣିଷ ଖିଆ କୁମ୍ଭୀର ହଠାତ ନିମାଇଁଙ୍କ ଉପରକୁ ଝାମ୍ପ ମାରିଥିଲା। ଭାଇ କୁମ୍ଭୀର ନେଇଗଲା ବୋଲି ନିମାଇଁ ଡାକ ଛାଡ଼ିଥିଲେ।

### ୩ ବର୍ଷ ପରେ ନ୍ୟାୟିକ ଲଢ଼େଇର ଅନ୍ତ...ସରପଂଚ ପଦ ଫେରି ପାଇଲେ ସୀତାରାଣୀ



ଭୋଗରାଇ,୯/୩ (ନି/ପ୍ର): ୪ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବା ସରପ ପ୍ରାର୍ଥୀ ପୁନଃଗଣତିରେ ୨ ଖଣ୍ଡ କମ୍ ଭୋଟ୍‌ରେ ପରାଜିତ ହୋଇଥିଲେ। ଫଳରେ ସେ ନ୍ୟାୟ ପାଇଁ କୋର୍ଟର ଆଶ୍ରୟ ନେଇଥିଲେ। ମଙ୍ଗଳବାର ମାମଲାର ରାୟ ଆସିଛି। ଯାହା ପରାଜିତ ପ୍ରାର୍ଥୀଙ୍କ ସପକ୍ଷରେ ଯାଇଥିବା ଜଣାପଡ଼ିଛି। ୨୦୨୨ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବାଲେଶ୍ୱର ଭୋଗରାଇ ବ୍ଲକ୍ ନାରାୟଣ ମହାନ୍ତି ପଡ଼ିଆ ପଂଚାୟତର ସରପଂଚ ପଦ ପାଇଁ ଭୋଟ୍ ହୋଇଥିଲା। ସୀତାରାଣୀ ସେନାପତି ପ୍ରତିଦ୍ୱନ୍ଦ୍ୱୀ ରାଧାରାଣୀ ବେହେରାଙ୍କଠାରୁ ୪ ଖଣ୍ଡ ଅଧିକ ଭୋଟ୍ ପାଇଥିଲେ। ତେବେ ଅଭିଯୋଗ ଆଧାରରେ ପ୍ରଶାସନର ନିର୍ଦ୍ଦେଶ ପରେ ପୁନଃ ଗଣତି ହୋଇଥିଲା ଏବଂ ରାଧାରାଣୀ ବେହେରା ଅଧିକ ୨ ଖଣ୍ଡ ଭୋଟ୍ ପାଇଥିବା ଦର୍ଶାଯାଇଥିଲା। ଫଳରେ ସରପଂଚ ଦାୟିତ୍ୱ ଗ୍ରହଣ କରିଥିଲେ ରାଧାରାଣୀ। ହେଲେ ସୀତାରାଣୀ ଭୋଟ୍ ଫଳାଫଳକୁ ଚ୍ୟାଲେଂଜ କରି ଜଳେଶ୍ୱର ସିଭିଲ୍ କୋର୍ଟରେ ୧/୨୨ରେ ଏକ ମାମଲା ଦାଏର କରିଥିଲେ। ରାୟ ପ୍ରକାଶ ପାଇବାରେ ବିଳମ୍ବ ହେବାରୁ ସେ ବାଲେଶ୍ୱର ଜିଲ୍ଲା ଦୌରା ଜଜ୍‌ଙ୍କ କୋର୍ଟରେ ଦ୍ୱିତୀୟ ଅପିଲ୍ କରିଥିଲେ। ମାମଲାର ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଭିନ୍ନି କରି ମଙ୍ଗଳବାର ଦିନ ମାନ୍ୟବର ଦୌରା ଜଜ୍ ଏକେ ଦାସ ସୀତାରାଣୀଙ୍କ ସପକ୍ଷରେ ରାୟ ପ୍ରକାଶ କରିଛନ୍ତି। ଫଳରେ ସେ ସରପଂଚ ପଦ ପାଇବା ପାଇଁ ଯୋଗ୍ୟ ହୋଇଥିବା ଜଣାପଡ଼ିଛି। ସୀତାରାଣୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ମହାପାତ୍ର ମାମଲା ପରିଚାଳନା କରୁଥିଲେ। ଉଲ୍ଲେଖଥାଉକି, ରାଧାରାଣୀ ୧୮୫୦ ଖଣ୍ଡ ଭୋଟ୍ ପାଇଥିବା ବେଳେ ସୀତାରାଣୀ ୧୮୫୪ ଖଣ୍ଡ ଭୋଟ୍ ପାଇଥିଲେ।

## ଦୁଇ କୁଇଂଟାଲ ଗଞ୍ଜେଇ ଜବତ ; ୨ ଗିରଫ



ବୌଦ୍ଧ,୯/୩ (ନି/ପ୍ର) : ବୌଦ୍ଧ ପୁଲିସ ଦୁଇ କୁଇଂଟାଲ ଗଞ୍ଜେଇ ସହିତ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ବୌଦ୍ଧଥାନା ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବୌଦ୍ଧ ଜିଲାର ଆଭ୍ୟନ୍ତରୀଣ ଅଂଚଳରୁ ଗଞ୍ଜେଇ ଚାଲାଣ ସଂପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବୌଦ୍ଧଥାନାର ଏକ ଟିମ୍ ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ସମୟରେ ବଲାସିଙ୍ଗା ପଟରୁ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋକୁ ସରଣ୍ଡା ଗ୍ରାମ ନିକଟରେ ସନ୍ଦେହରେ ଅଟକାଇଥିଲେ। ଗାଡିକୁ ଯାଂଚ କରାଯିବା ପରେ ଭିତରୁ ଜରି ପ୍ୟାକେଟ୍ ରେ ଭର୍ତି ହୋଇଥିବା ୨ କୁଇଂଟାଲ ଗଞ୍ଜେଇ ଜବତ କରାଯିବା ସହିତ ଗାଡିରେ ଥିବା ଅନୁଗୁଳ ଜିଲା ହଣ୍ଡପା ଥାନା ଅନ୍ତର୍ଗତ ସାତପରଡିଆ ଗ୍ରାମର ପିଂଟୁ ପ୍ରଧାନ ଓ ବିଲିଖମନ ଗ୍ରାମର ନିରଂଜନ ବେହେରାଙ୍କୁ ଗିରଫ କରିଥିଲା। ଜବତ ହୋଇଥିବା ଗଞ୍ଜେଇ ବୌଦ୍ଧଥାନା ଗୋଛାପଡା ଅଂଚଳରୁ ଅନୁଗୁଳକୁ ଚାଲାଣ କରାଯାଉଥିବା ପୁଲିସ ପ୍ରକାଶ କରିଛି। ବୌଦ୍ଧ ଥାନା କେସ ନମ୍ବର ୧୧୦/୨୪ରେ ଏକ ମାମଲା ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

# ବିବିଧା

# ଘରେ କରନ୍ତୁ ପୁଦିନା ଚାଷ



## କେଉଁ କେଉଁ ଉପାୟରେ ପୁଦିନା ଚାଷ କରିବେ



## କଣ ପାଇଁ ପୁଦିନା



## ପୁଦିନାର ସର୍ବିଶେଷ ଚାଷ ପ୍ରଣାଳୀ ସଂକ୍ଷେପରେ

## କେଉଁ ଦିଗରେ ଧ୍ୟାନ ଦେବା





## ପୁଦିନାର ଯତ୍ନ



ଡି ଶୁଭମ୍

# ଆମ୍ବ ବଉଳର ଯତ୍ନ



# ଅମୃତଭଣ୍ଡାରେ ଦହିଆ ପୋକ ପରିଚାଳନା



## ପରିଚାଳନା

ଉତ୍କଳ ସମାଚାର

## ସମ୍ପାଦକୀୟ...

**ରବିବାର ୧୦ ମାର୍ଚ୍ଚ ୨୦୨୪**

# ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର

ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ । ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ । ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ । ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଆରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ । ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି । ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ । ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି । ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି । ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ । ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି । ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ । ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା । ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଚଂବର୍ଷରୁ ଆରମ୍ଭ ହୋଇଥିଲା । ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ । ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରୀତାର୍ଜ୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ । ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା । ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ । ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୁପଣ କରୁଥିଲେ । ପାଚଂବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ । ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ । ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ । ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୁ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ । ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ । ତାଙ୍କର ପାଚଂଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା । ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ । ତାଙ୍କ ନିରବଛିନ୍ନ ଅଧ୍ୟବସାୟ, ଇଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୁରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ । ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ । ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ । ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୂରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ । ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ । ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଲ' ଓ 'ଉଲମ୍ବିଚକ୍ର' । ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ର ଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ ଲେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା । ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ । 'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା । ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ । ଏଥି ପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍ସନ୍ ମଞ୍ଜୁର କରିଥିଲେ । ଗଜପତି ରାଜା ମଧ୍ୟ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ । ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ । ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି ।

# ଆଳାପ ଓ ଆଲୋଚନା : ଭାରତୀୟ କ୍ରିକେଟ୍‌ର ତାରକା ଓ ଚମକ



ବେଳେବେଳେ ଗୋଟିଏ ଗୋଟିଏ ପ୍ରତିଯୋଗିତାର ସମଗ୍ର ସଂସ୍କରଣଟିର ପରିସମାପ୍ତି ପୂର୍ବରୁ ଫଳାଫଳଗତ ଉପସଂହାର ଉପଲବ୍ ?ଧ ହୋଇସାରିଥାଏ । ଏଇ ? ଯେମିତି ପା ଁଟିକିଆ ଟେଷ୍ଟ ମ୍ୟାଚ୍ ? ବିଶିଷ୍ଟ ଭାରତ-ଇଂଲଣ୍ଡ୍ ? କ୍ରିକେଟ୍ ସିରିଜ୍‌ର ଭାଗ୍ୟ ନିର୍ଦ୍ଧାରିତ କରିବା ନିମନ୍ତେ ଶେଷ ମ୍ୟାଚ୍ ?ର ଭୂମିକା ପାଇଁ ଅପେକ୍ଷା କରିବାକୁ ପଡ଼ିଲା ନାହିଁ । ଭାରତ ସିରିଜ୍ ? ଜିତିନେଲା ; ଯଦିଓ ପ୍ରଥମ ଟେଷ୍ଟରେ ବିଜୟୀ ହୋଇଥିଲା ଇଂଲଣ୍ଡ୍ । ସିରିଜ୍ ଆରମ୍ଭ ହେବା ଆଗରୁ ଜଣା ଥିଲା ଉଭୟ ଭାରତ ଓ ଇଂଲଣ୍ଡ୍ ? ବେଶ୍ ଶକ୍ତିଶାଳୀ ଦଳ ବୋଲି । ଇଂଲଣ୍ଡ୍ ସପକ୍ଷରେ ଯୁକ୍ତି ବଢ଼ାଯାଉଥିଲା ଯେ ତା'ର ବାଜବଲ୍ ଶୈ ?ଳୀ ଓ ରଣକୌ ?ଶଳର ଖେଳ ଆଗରେ ଭାରତ କେମିତି ଖେଳି ପାରିବ କେଜାଣି ପ୍ରତିପକ୍ଷର କୌଶଳରେ ସେ ଦଳକୁ ଭାରତ ହରେଇଲା ବୋଲି ଅନେକ କହିଲେଣି- ତାହା ପୁଣି ଅନେକ ଆଗଧାଡ଼ିର ଖେଳାଳିଙ୍କ ଭିନ୍ନ ଭିନ୍ନ କାରଣଜନିତ ଅନୁପସ୍ଥିତି ସତ୍ତ୍ୱେ । ନିଜ ଦେଶ ଭଲ ଖେଳି ଜିତିଲେ ଗର୍ବ, ଗୌରବ ଓ ଆନନ୍ଦର ମାତ୍ରା ଅଧିକ ଅନୁଭୂତ ହୁଏ । ଆଲୋଚ୍ୟ ସିରିଜ୍ ?ରେ ଭାଗ ନେଇଥିବା ଦୁଇ ଦେଶ ପ୍ରମାଣିତ କରିଦେଲେ ଯେ ଦିନିକିଆ, ଟି-୨୦ ଓ ଆଇ.ପି.ଏଲ୍. ଖେଳର ଅତିଦୃଶ୍ୟମାନ ତଥା ଅଧିକ ଅମଳକ୍ଷମ ଆବେଦନ ସତ୍ତ୍ୱେ ଟେଷ୍ଟ କ୍ରିକେଟ୍ ତା'ର ଶାସ୍ତ୍ରୀୟ ସ୍ୱଭାବ ବଜାୟ ରଖିବା ସାଙ୍ଗକୁ ମାନ୍ଦା, ମନ୍ଥର ଓ କ୍ଳାନ୍ତିଜନକ ହୋଇଯାଉଥିବା ପାରଂପରିକ ଅପବାଦରୁ ନିଜକୁ ମୁକ୍ତ କରିବାରେ ଚମତ୍କାର ଭାବେ ସକ୍ଷମ । ସଭିଏଁ ଜାଣନ୍ତି ଭାରତବର୍ଷରେ କ୍ରିକେଟ୍ ?ର ମାନ୍ୟତା ଧର୍ମସମ । କେତେଜଣ କ୍ରିକେଟ୍ ? ଖେଳାଳି ଭଗବାନତୁଲ୍ୟ । ଏଇ ଖେଳଟିକୁ ନେଇ ଚର୍ଚ୍ଚା ଓ ଜନମାନସର ମୋଟାମୋଟି ଆଭିମୁଖ୍ୟ ସେଇଆ ଯାହା ସାଧାରଣତଃ ରାଜନୀତି ତଥା ଚଳଚ୍ଚିତ୍ର ନେଇ ହୋଇଥାଏ । ଅନେକ ଯାତ୍ରା, ଗମନ, ସ୍ଥାନାନ୍ତର, ଅନ୍ୟତ୍ର ବସବାସ, ଅନ୍ୱେଷଣ, ସ୍ୱପ୍ନଦେଖା ଓ ସଂଘର୍ଷର କାହାଣୀ ଗର୍ଭିତ କ୍ରିକେଟ୍ ଖେଳରେ ; କ୍ରିକେଟ୍ ? ଖେଳର ପ୍ରକ୍ରିୟାରେ । ଗାଭାସ୍କର, କପିଳ ଦେବ, ତେନ୍ଦୁଲକର, ଧୋନି ଓ ବିରାଟ କୋହଲି ଆଦି କ୍ରିକେଟ୍ ଖେଳାଳିଙ୍କ ନାଁ କହିଲେ ସେମାନେ କିଏ ବୋଲି ସହଜରେ ଚିହ୍ନି ପାରନ୍ତି ନବପ୍ରଜନ୍ମର ବହୁସଂଖ୍ୟକ ସଦସ୍ୟ-ସଦସ୍ୟା । ସେମାନେ ସମ୍ଭବତଃ ସେଇଭଳି ଚିହ୍ନଟ କରିପାରିବେନି ଅନ୍ୟ ଅନେକ ଅଲଗା କ୍ଷେତ୍ରର ଲୋକପ୍ରତିମାଙ୍କୁ, ଆଇକନ୍‌ଙ୍କୁ ! ଠିକ୍ କିମ୍ବା ଠିକ୍ ଛଡ଼ା ଭିନ୍ନ କାରଣରୁ କ୍ରିକେଟ୍ ସାଂପ୍ରତିକ ସମୟର ଏକ ପ୍ରଭାବଶାଳୀ ସଂକେତ, ଭାଷା, ପରିଭାଷା ଓ ମାଧ୍ୟମ । ନିଜେ ରେକର୍ଡ ପରେ ରେକର୍ଡ କରିଚାଲିଥିବା ଏବଂ ନିଜ ଦେଶକୁ ଥରକୁ ଥର ବିଜୟୀ କରେଇବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଥିବା ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ଯଶର ଜୟଗାନ କୁଆଡ଼େ କେତେ । କ୍ରମାଗତ ଦୁଇଟି ଟେଷ୍ଟରେ ଦ୍ୱିଶତକ କରିବାରେ ସିଏ ବିନୋଦ କାମ୍ବଲି ଓ ବିରାଟ କୋହଲିଙ୍କ ପରେ ତୃତୀୟ ଭାରତୀୟ ବ୍ୟାଟ୍ ?ସମ୍ୟାନ୍ । ପୁଣି ଟେଷ୍ଟ କ୍ରିକେଟ୍‌ର ଇତିହାସରେ ବ୍ରଡ୍‌ମ୍ୟାନ୍ ଓ କାମ୍ବଲିଙ୍କ ପରେ ଦୁଇ ଦୁଇଟି ଦ୍ୱିଶତକ ହାସଲ କରିବାରେ ତୃତୀୟ ତରୁଣତମ ଖେଳାଳି । ଏ ସବୁ ସାଙ୍ଗକୁ ଗୋଟିଏ ଟେଷ୍ଟ ଇନିଂସ୍‌ରେ ସିଏ ଛକା ମାରିବାରେ ବିଶ୍ୱ ରେକର୍ଡର ସମକକ୍ଷ ହୋଇସାରିଲେଣି । ବାମହାତୀ ବ୍ୟାଟ୍‌ସମ୍ୟାନ୍ । ବୟସ ମାତ୍ର ବାଇଶି । ବେଶ୍ ଗୁରୁତ୍ୱପୂର୍ଣ୍ଣ ? ହେଲା ତାଙ୍କ ପୃଷ୍ଠଭୂମି ଓ କାହାଣୀ । ମୂଳ ଘର ତାଙ୍କର ଉତ୍ତରପ୍ରଦେଶର ଭଦୋହୀ ଅଚଂଳରେ । ବାପାଙ୍କର ଅତି ଛୋଟମୋଟ ହାର୍ଡୱେୟାର୍ ବ୍ୟବସାୟ । କ୍ରିକେଟ୍ ନିଶାରେ ଟାଣିହୋଇ ?ଆସିଲେ ବମ୍ବେ ଉଚିତ ତାଲିମ ଓ ସୁବିଧା ସୁଯୋଗ ଆଶାରେ । ସେଥିପାଇଁ ବମ୍ବେର ଆଜାଦ୍ ମୈଦାନକୁ ବାଛିଥିଲେ । ଆରମ୍ଭରୁ ମୁଣ୍ଡ ଗୁଞ୍ଜିଥିଲେ ଏକ କ୍ଷୀର ଦୋକାନରେ । ମନ ଲାଖିଥିଲା କ୍ରିକେଟ୍‌ରେ । କ୍ଷୀର ଦୋକାନର ଅସ୍ଥାୟୀ ଆଶ୍ରୟ ଛାଡ଼ି ରହିବାକୁ ପଡ଼ିଲା ମୈ ?ଦାନର ତମ୍ବୁରେ । ପେଟପାଟଣା ପାଇଁ ପାଣିପୁରୀ/ଗୁପ୍ ?ଚୁପ୍ ବିକିବାକୁ ପଡ଼ିଥିଲା ତାଙ୍କୁ । ମହମବତୀ ଜଳେଇ ରୁଟି ତିଆରି କରୁଥିଲେ ସିଏ । ବମ୍ବେ ଆସିଥିଲେ ସିଏ ମାତ୍ର ଏଗାର ବର୍ଷ ବୟସରେ । ତାଙ୍କ ଜୀବନରେ ବର୍ତ୍ତମାନ ସୁଦ୍ଧା ଯାହା ସମ୍ଭବ ହୋଇସାରିଲାଣି ତାହା କ୍ୱଚିତ ଅନେକ ବଲିଉଡ୍ ସିନେମାରେ ସମ୍ଭବ ହୋଇଥାଏ । ଜୟସ୍ୱାଲ୍ ?ଙ୍କ ସାଙ୍ଗକୁ ବି ଚର୍ଚ୍ଚାରେ ଏବେ ଜୁରେଲ୍, ଧ୍ରୁବ ଜୁରେଲ୍ । ଉଇକେଟ୍ ରକ୍ଷକ ଓ ଡାହାଣହାତୀ ବ୍ୟାଟ୍‌ସମ୍ୟାନ୍ । ତେଇଶି ବର୍ଷ ବୟସ୍କ । ମୂଳ ଘର ଆଗ୍ରାରେ । ସ୍କୁଲର ଗ୍ରୀଷ୍ମ ଶିବିରରେ ଭାଗ ନେଉଥିଲା ବେଳେ କ୍ରିକେଟ୍ ପ୍ରତି ତାଙ୍କ ଆକର୍ଷଣ ଜନ୍ମିଥିଲା । ଦେଖିଲେ କିଛି ପିଲା କ୍ରିକେଟ୍ ? ଖେଳୁଛନ୍ତି । ତାଙ୍କୁ ଲାଗିଲା- ଅତି ବଢ଼ିଆ ଖେଳ ତ ମୁଁ କାହିଁକି ଖେଳିବିନି ? ମାତ୍ର ଚଉଦ ବର୍ଷରେ କ୍ରିକେଟ୍ ?ର ଦୁର୍ବାର ମୋହରେ ସିଏ ଏକୁଟିଆ ଟ୍ରେନ୍‌ରେ ଯାଇଥିଲେ ଦିଲ୍ଲୀ ସଂଲଗ୍ନ ନଏଡ଼ାକୁ । ସେଠି ଭେଟିଥିଲେ କୋଚ୍ ଫୁଲ୍ ?ଚାନ୍ଦଙ୍କୁ । ସାଙ୍ଗରେ କେହି ମୁରବି ଯାଇ ନ ଥିଲେ । ପ୍ରଶିକ୍ଷକଙ୍କ ସହ ପ୍ରଥମ ସାକ୍ଷାତ ସମୟରେ କହ ?ିଥିଲେ- ମୋ ନା ଧ୍ରୁବ ଜୁରେଲ୍ । ମତେ ଦୟାକରି ଆପଣଙ୍କ ଏକାଡେମୀରେ ନିଅନ୍ତୁ । ଧ୍ରୁବଙ୍କ ଶାନ୍ତ ଓ ଗଭୀର ଆତ୍ମବିଶ୍ୱାସ ଫୁଲ୍ ?ଚାନ୍ଦଙ୍କୁ ବିମୋହିତ କରିଥିଲା । ସିଏ କେବଳ ଜାଣିବାକୁ ଚାହିଁଥିଲେ- ଧ୍ରୁବ ନ କହି ଘରୁ ଲୁଚି ପଳେଇ ଆସି ନାହାନ୍ତି ତ ? ଧ୍ରୁବଙ୍କ ବାପାଙ୍କ ଠାରୁ ଜାଣିଲେ ତାଙ୍କ ପରିବାରରେ ଏକ ଶୋକପାଳନ ଓ ଅନ୍ତ୍ୟେଷ୍ଟି କଥା । ପୁଅର ସ୍ୱପ୍ନକୁ ସଂପୂର୍ଣ୍ଣ ସମର୍ଥନ କରୁଥିବା ଧ୍ରୁବଙ୍କ ମା' ନିଜର ଗହଣା ମଧ୍ୟ ବନ୍ଧକ ପକେଇଥିଲେ । କିଂବଦନ୍ତି ପୁରୁଷ ଗାଭାସ୍କରଙ୍କ ଅନୁମାନ ମୁତାବକ- ସିଏ ଜୁରେଲ୍ ?ଙ୍କ ଭିତରେ ଆଗାମୀ ଦିନର ଆଉ ଏକ ଧୋନି ଦେଖୁଛନ୍ତି । ଆନ୍ତରିକ ଶୁଭେଚ୍ଛା ଜଣାଇ ଧ୍ରୁବଙ୍କୁ ଧୋନି କହିଥିଲେ- ଖେଳ ଓ ବଲ୍ ଉପରେ ଧ୍ୟାନ ଦେଉଥିବ । କିଏ ବୋଲର ବା ବ୍ୟାଟ୍‌ସମ୍ୟାନ୍ ତାହା ସେତେଟା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଏଇଠି ପ୍ରାଚୁର୍ଯ୍ୟର ସମସ୍ୟା ପ୍ରସଙ୍ଗଟି ମନକୁ ଢୁକିବା ସ୍ୱାଭାବିକ । ପ୍ରତିଭାବାନ ଋଷଭ ପନ୍ତ ଫେରିଲେ କିଏ ରହିବେ, କିଏ ଯିବେ ଏବେଠୁଁ କହି ହେବନି । ଆଉ ଜଣେ ଉତ୍ତରପ୍ରଦେଶ ମୂଳ ଠିକଣାର ଖେଳାଳି ହେଲେ ସର୍ଫରାଜ ଖାଁ । ତାଙ୍କୁ ବି ଗଢ଼ିବାରେ ସହାୟକ ହୋଇଥିଲା ବମ୍ବେର ଆଜାଦ୍ ମୈ ?ଦାନ । ନିଜ ଜୀବନର ପ୍ରାରମ୍ଭିକ ଅନେକ ବର୍ଷ କଟେଇଥିଲେ ସହରତଳି ବସ୍ତିରେ । କ୍ରିକେଟ୍ ପାଇଁ ଚାରି ବର୍ଷ ସ୍କୁଲ ଯିବା ତାଙ୍କର ବ୍ୟାହତ ହୋଇଥିଲା । ହାରିସ୍ ସିଲ୍ ?ଡ କ୍ରିକେଟ୍ ? ମ୍ୟାଚରେ ସିଏ ସଚିନ ତେନ୍ଦୁଲକରଙ୍କ ପୂର୍ବ ରେକର୍ଡ ଭାଙ୍ଗିଥିଲେ ଯେତେବେଳେ ସିଏ ୪୨୧ ବଲ୍ ?ରୁ ୪୩୯ ରନ୍ କରିଥିଲେ । ହାରିସ୍ ସିଲ୍ ?ଡ ଟୁର୍ନାମେ[ ବମ୍ବେର ଏକ ଆନ୍ତଃ-ବିଦ୍ୟାଳୟ କ୍ରିକେଟ୍ ? ମ୍ୟାଚ ଯାହା ୧୮୯୭ରୁ ଅନୁଷ୍ଠିତ ହୋଇଆସୁଛି । ଏକଦା ବମ୍ବେର ଗଭର୍ଣ୍ଣର ଥିବା ହାରିସ୍ ବି ଇଂଲଣ୍ଡ୍ ?ର ପ୍ରାକ୍ତନ କ୍ରିକେଟ୍ ? ଅଧିନାୟକ । ଦୁଇ ବନ୍ଧୁ କାମ୍ବଲି ଓ ତେନ୍ଦୁଲକର ମିଶି ଯେତେବେଳେ ୧୯୮୮ ମସିହାରେ ପ୍ରୋକ୍ତ ଟୁର୍ନାମେ[ ?ରେ ୬୬୪ ରନ୍ କରିଥିଲେ ସେତେବେଳେ ଟୁର୍ନାମେ[ ?ଟି ଲୋକଲୋଚନକୁ ଆସିଥିଲା ଅଧିକ ମୂଲ୍ୟଯୁକ୍ତ ହୋଇ । କୁଆଡ଼େ ଉଠିଗଲେ ଜଣେ ମିତ୍ର ତେନ୍ଦୁଲକର । ହେଲେ ଏକାଧିକ କାରଣରୁ କାହିଁ କେତେ ପଛରେ( ! ) ରହିଗଲେ କାମ୍ବଲି । କେବଳ ପ୍ରତିଭା, ଦକ୍ଷତା ଓ ନୈ ?ପୁଣ୍ୟ ବଳରେ ଜଣେ କ୍ରିକେଟ୍ ଖେଳାଳି – ଯେ କୌ ?ଣସି କ୍ରୀଡ଼ାବିତ୍ – ହୁଏତ ଅତି ଆଗକୁ ଓ ଉପରକୁ ଯାଇପାରିବେନି ଯଦି ତାଙ୍କଠି ଏକାଗ୍ରତା, ଅନୁଶାସନ ଓ କ୍ଷୁଧା ଭଳି ଗୁଣ ସମୁଚିତ ଅନୁପାତରେ ପରିଲକ୍ଷିତ ନ ହୁଏ । ଅନ୍ୟ ଦେଶ ତୁଳନାରେ ଭାରତୀୟ କ୍ରିକେଟ୍ ?ର ଅନନ୍ୟ ଲକ୍ଷଣ ହେଲା ଏହାର ତୃଣମୂଳ ଅତ୍ୟନ୍ତ ମଜବୁତ୍ ଏବଂ ସେହି ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବିଦ୍ୟାଳୟ, ସ୍ଥାନୀୟ କ୍ଲବ୍, ନିର୍ଦ୍ଦିଷ୍ଟ ବୟସବର୍ଗ, ସି.କେ. ନାଇଡୁ ଓ ରଣଜୀ ଭଳି ଘରୋଇ କ୍ରିକେଟ୍ ? ପ୍ରତିଯୋଗିତାର । ନିକଟରେ କେତେଜଣ ଖେଳାଳି ରଣଜୀ ନ ଖେଳି ବସି ରହୁଥିଲେ । ସେମାନଙ୍କୁ ପ୍ରକାରାନ୍ତର କହି ଦିଆଗଲା- କ୍ରିକେଟ୍ କ୍ଷୁଧା ନ ଥିଲେ ଟେଷ୍ଟକୁ ପୁଣିଥରେ ଡକରା ପାଇବ କେମିତି ଏବେ ଅଧିକରୁ ଅଧିକ ଅତି ଭଲ ଖେଳାଳି ବମ୍ବେ, ଦିଲ୍ଲୀ, ବାଙ୍ଗାଲୋ,ର୍ ମାନ୍ଦ୍ରାଜ୍ ଓ କଲିକତା ବାହାରୁ ବାହାରୁଛନ୍ତି । ଅନେକ ଜଣାଶୁଣା ଖେଳାଳି ଦଳରେ ନ ଥାଇ ବି ଭାରତୀୟ ଦଳ ଜିଣିପାରୁଛି । ସବୁ ଖେଳାଳି ଜାଣିଛନ୍ତି ଯେ ସେମାନେ ନିରବଛିନ୍ନ ଭାବେ ଖରାପ ଖେଳିଲେ ତାଙ୍କ ଜାଗା ନେବା ପାଇଁ ଅସଂଖ୍ୟ ଭଲ ଖେଳାଳି ବାହାରେ ପ୍ରସ୍ତୁତ ହୋଇ ରହିଛନ୍ତି । ଅନେକ ସମୟରେ ଲାଗେ କ୍ରିକେଟ୍ ? ଖାଲି ଏକ ଖେଳ ନୁହେଁ । ଏହା ଏକ ଦର୍ପଣ ମଧ୍ୟ । ମାତ୍ରାଧିକ କ୍ରିକେଟ୍ ? ମନସ୍କତା ଫଳରେ ଅନ୍ୟ କେତେକ ଖେଳ ଅବହେଳିତ ହୋଇ ଯାଉନାହାନ୍ତି ତ ? ହକି କ'ଣ କ୍ରିକେଟ୍ ?ର ଗ୍ଲାମର୍ ଓ ବୈ ?ଭବଯୁକ୍ତ ? ସେମିତି ଅସାଧାରଣ ଚେସ୍ ତାରକା ବିଶ୍ୱନାଥନ୍ ଆନନ୍ଦଙ୍କ ସହ ଅନେକ ମହାନ୍ କ୍ରିକେଟ୍ ? ଖେଳାଳି ତୁଳନୀୟ ଲାଗନ୍ତି ନାହିଁ । ହେଲେ ? ଅବଶ୍ୟ ଆମ୍ବ ଓ କମଳାର ତୁଳନା କହି ତର୍କର ପାଟିକୁ ବନ୍ଦ କରିଦେଇ ହେବ । ଭାରତ ଭଳି ଏକ କ୍ରିକେଟ୍ ? ବୃହତ୍ ?ଶକ୍ତିର କାହାଣୀମୟତା ସମ୍ବନ୍ଧରେ ଆଳାପ ଓ ଆଲୋଚନା କଲାବେଳେ ଭୁଲିଯିବା ଭୁଲ୍ ହେବ କ୍ରିକେଟ୍ ? ଜଗତର ଏକଦା ବ୍ରାଜିଲ୍ ବିବେଚିତ ୱେଷ୍ଟ୍ ?ଇଣ୍ଡିଜ୍ ?ର ସାଂପ୍ରତିକ ଅଧୋଗତିର କାରଣ ସବୁ କ'ଣ ।

# ଦୀପାବଳି ପରେ



କହିବାରେ ଦ୍ୱିଧା ନାହିଁ ଯେ ଗଣତାନ୍ତ୍ରିକ ଭାରତରେ ଚୀନ ସୁଲଭ କଠୋରତା ଅବଲମ୍ବନ କରାଯିବା ଅସମ୍ଭବ । ଏବଂ ଏହା ମଧ୍ୟ ସତ ଯେ କଠୋରତାର ଅଭାବରେ ସାଂପ୍ରତିକ ଭାରତୀୟମାନଙ୍କ ଉପଭୋଗକେ ?ନ୍ଦ୍ରିକ ଜୀବନଶୈ ?ଳୀ ଅନେକ ହିତକାରୀ କଟକଣାକୁ ଅମାନ୍ୟ କରିବ, ଯେମିତି ଦୀପାବଳି ସନ୍ଧ୍ୟାରେ ଘଟିଲା । ଏଭଳି ସ୍ଥଳେ କ୍ଷମତାରେ ଥିବା ରାଜନୈ ?ତିକ ଦଳଗୁଡ଼ିକ ବିଚାର କରିବା ଉଚିତ ଯେ ନିର୍ମଳ ପରିବେଶ ଓ ରାଷ୍ଟ୍ର ହିତ ପକ୍ଷ ନେଇ ନିର୍ବାଚନରେ ବିପଦ ବରଣ କରିବାର ଆଶଙ୍କା ଥିବା ସତ୍ତ୍ୱେ ସେମାନେ କେତେକ ଅପ୍ରୀତିକର ଓ କଠୋର ପଦକ୍ଷେପ ନେବେ ନା ଭୋଟ ପାଇବା ସକାଶେ ପ୍ରଜାରଂଜନ ନାମରେ ସବୁ କିଛି ଜଳାଂଜଳି ଦେଇ କ୍ରମେ ଏକ ପୋଡ଼ା ଭୂଇଁରେ ପରିଣତ ହେବାର ଉପକ୍ରମ କରୁଥିବା ଏହି ଭୂଖଣ୍ଡକୁ ନିର୍ବିକାର ଭାବେ ଶାସନ କରି ଚାଲିବେ !ଦୀପାବଳି ପରେ ପରେ ହୃଦ୍ ?ବୋଧ ହୋଇଗଲା ଯେ ଭାରତୀୟ ସହରଗୁଡ଼ିକର ସାଂଘାତିକ ବାୟୁ ପ୍ରଦୂଷଣ ସମସ୍ୟା ସତ୍ତ୍ୱେ ନାଗରିକମାନେ ଏ ନେଇ ଆଦୌ ? ବିବ୍ରତ ନୁହନ୍ତି ; ଏବଂ ଚା' ଖଟି ଆସରରୁ ଆରମ୍ଭ କରି ଭାବ ଗମ୍ଭୀର ଆଲୋଚନା-ଚକ୍ର ପର୍ଯ୍ୟନ୍ତ ସର୍ବତ୍ର ଏହି ସମସ୍ୟା ସମ୍ବନ୍ଧରେ ନିଷ୍ଫଳ ଚର୍ଚ୍ଚା ସହିତ କୁମ୍ଭୀରତୁଲ୍ୟ ପ୍ରବ ଁନାର ଅଶ୍ରୁ ତର୍ପଣ କରାଯାଉଛି ଯାହା ! ତାହା ହୋଇ ନ ଥିଲେ ଦିଲ୍ଲୀର ଅସହନୀୟ ବାୟୁ ପ୍ରଦୂଷଣ କାରଣରୁ ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ବାଣ ଫୁଟାଇବା ଉପରେ ସଂପୂର୍ଣ୍ଣ ନିଷେଧାଦେଶ ସତ୍ତ୍ୱେ ଦିଲ୍ଲୀ ସହର ଆତସବାଜିର ଶବ୍ଦ ଏବଂ ଧୂଆଁରେ ଆତ୍ମ ବିସ୍ମୃତ ହୋଇ ଯାଇ ନ ଥାଆନ୍ତା ! ତେବେ, କେବଳ ଦିଲ୍ଲୀ ନୁହେଁ, ଭାରତର ପ୍ରାୟ ସମସ୍ତ ସହର ମାନ୍ୟବର ସୁପ୍ରିମ୍ ? କୋର୍ଟଙ୍କ ଆଦେଶକୁ ଅମାନ୍ୟ କଲେ ଏବଂ କେବଳ 'ସବୁଜ ବାଣ' ଫୁଟାଇବାର ସଂଯମ ପ୍ରଦର୍ଶନ କରି ପାରିଲେ ନାହିଁ ; ବିଡ଼ମ୍ବନା ହେଲା ଏହି ସହରମାନଙ୍କରେ ହିଁ ଶିକ୍ଷିତ, ସଂଭ୍ରାନ୍ତ ଏବଂ ତଥାକଥିତ ସଚେତନ ଭାରତୀୟମାନେ ଠୁଳ । ଏଭଳି ସ୍ଥଳେ ପଞ୍ଜାବ ଓ ହରିଆଣାର ଚାଷୀମାନେ ସେମାନଙ୍କ ବିଲରେ ଉଦ୍ ?ବୃତ୍ତ ନଡ଼ାକୁ ଜଳାଇ ତହିଁରୁ ଜାତ ଘନ ଧୂଆଁରେ ସମଗ୍ର ସୈ ?ନ୍ଧବ-ଗାଙ୍ଗେୟ ସମତଳର ବାୟୁମଣ୍ଡଳକୁ ପ୍ରଦୂଷିତ କରୁଥିବା କାରଣରୁ ଏହି ସହରୀ ବର୍ଗଙ୍କ ଦ୍ୱାରା ଆକ୍ଷେପର ଶିକାର ହେବା କେବଳ ଏକ ବିଡ଼ମ୍ବନା ନୁହେଁ, ଶୁଦ୍ଧ କପଟା ?ଚରଣ ମଧ୍ୟ ; ଯଦିଓ ଚାଷୀମାନଙ୍କ କାର୍ଯ୍ୟକଳାପ ମଧ୍ୟ ସମାଲୋଚନା ଯୋଗ୍ୟ ! କିନ୍ତୁ ଏଭଳି ଏକ ସ୍ଥିତିରେ ଆମ ରାଷ୍ଟ୍ରକୁ କିଭଳି ଉଚ୍ଚ ମୂଲ୍ୟ ଦେବାକୁ ହେବ, ତାହା ମଧ୍ୟ ପ୍ରଣିଧାନଯୋଗ୍ୟ । ବାୟୁ ପ୍ରଦୂଷଣ କାରଣରୁ ବ୍ୟାଧି ଓ ଆୟୁଷ ହାନିର ବିଶାଳ ବୋଝ ତ ଭାରତ ବହନ କରିବାରେ ଲାଗିଛି ; କିନ୍ତୁ ଏହା ଦ୍ୱାରା ଆମ ରାଷ୍ଟ୍ରର ଭାବମୂର୍ତ୍ତି ଯେଉଁଭଳି କ୍ଷୁଣ୍ଣ ହେବାରେ ଲାଗିଛି ତାହା ମଧ୍ୟ ଘୋର ଉଦ୍‌ବେଗଜନକ । ଏହି ସଂଦର୍ଭରେ ୨୦୧୫ ମସିହା ଜାନୁଆରି ୨୬, ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ ଅବସରରେ ଅତିଥି ରୂପେ ପ୍ରଥମ ଆମେରିକୀୟ ରାଷ୍ଟ୍ରପତି ରୂପେ ବାରାକ୍ ଓବାମାଙ୍କ ଭାରତ ଆଗମନ ସଂପର୍କରେ 'ବ୍ଲୁମ୍‌ବର୍ଗ'ରେ ପ୍ରକାଶିତ ସମ୍ବାଦର ଶିରୋନାମା ସ୍ମରଣକୁ ଆସିଥାଏ, ଯାହା ଥିଲା ଏହିଭଳି : 'ମିଷ୍ଟର ପ୍ରେସିଡେଟଂ, ପୃଥିବୀର ସର୍ବାଧିକ ପ୍ରଦୂଷିତ ବାୟୁ ଆପଣଙ୍କ ଆୟୁଷରୁ ଛଅ ଘଟାଂ ଖାଇ ସାରିଲାଣି ।' ସେହିଭଳି ଚଳିତ କ୍ରିକେଟ୍ ? ବିଶ୍ୱକପ୍ ? ଶୃଙ୍ଖଳାରେ ଶ୍ରୀଲଙ୍କା ଏବଂ ବାଂଲାଦେଶ ମଧ୍ୟରେ ଦିଲ୍ଲୀରେ ଅନୁଷ୍ଠିତ ମ୍ୟାଚ୍ ? ସଂଦର୍ଭରେ 'ଅଲ ଜଜିରା'ର ଶିରୋନାମା ଥିଲା : 'ନୂଆଦିଲ୍ଲୀର ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପ୍ରଦୂଷଣ ଭିତରେ ବାଂଲାଦେଶ ଓ ଶ୍ରୀଲଙ୍କା ଖେଳିଲେ ।' କହିବା ବାହୁଲ୍ୟ ଏଭଳି ଶିରୋନାମାମାନ ବିଦେଶରେ ଭ୍ରୂକୁଂଚନ ସୃଷ୍ଟି କରିବା ସହିତ ସେଠାକାର ପୁଂଜି ଏବଂ ପର୍ଯ୍ୟଟକଙ୍କୁ ଭାରତରେ ପଦାର୍ପଣ କରିବାରୁ ନିରୁତ୍ସାହିତ କରୁଥିବ । ସୁତରାଂ, ଶୀତ ଋତୁ ପାରଂପରିକ ଭାବେ ଏଠାରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟାରେ ତୀକ୍ଷ୍ ?ଣ ବୃଦ୍ଧି ଦେଖୁଥିବା ବେଳେ ଧୂମ-କୁହୁଡ଼ିର ପରଦା ଦ୍ୱାରା ଆଚ୍ଛାଦିତ ତାଜମହଲ ଅଗତ୍ୟା ତା'ର ଆକର୍ଷଣ ହରାଇ ବସିବାରେ ବିସ୍ମୟର ବିଶେଷ କାରଣ ନାହିଁ । 'ଏ.କ୍ୟୁ.ଆଇ.' ବା 'ବାୟୁର ଗୁଣମାନ ସୂଚକାଙ୍କ' ଅନୁସାରେ ଦିଲ୍ଲୀ ଓ ତା'ର ଆଖପାଖ ଅଚଂଳରେ ପ୍ରଦୂଷଣ ଯଦି ଦିଲ୍ଲୀ ବାସିନ୍ଦାମାନଙ୍କ ଆୟୁଷରେ ପ୍ରାୟ ଏଗାର ବର୍ଷ ହାନି ଘଟାଉଛି କିମ୍ବା ଦିଲ୍ଲୀରେ ପ୍ରଶ୍ୱାସ ନେବାର ଅର୍ଥ ଦଶଟି ସିଗାରେଟ ସମତୁଲ ଧୂଆଁ ପିଇବା ସହିତ ସମାନ ; ତେବେ ବିଦେଶୀ ପର୍ଯ୍ୟଟକମାନେ ଭାରତ ଭୂମିରୁ ଦୂରେଇ ରହିବା ସ୍ୱାଭାବିକ ମଧ୍ୟ । ଏଭଳି ସ୍ଥିତିରେ ଭାରତରେ ବିଦେଶୀ ପୁଂଜି ନିବେଶର ଭବିଷ୍ୟତ ନେଇ ଆକଳନ କଲା ବେଳେ ଚୀନ ସମ୍ବନ୍ଧୀୟ ଏକ ଅନୁଧ୍ୟାନ ରିପୋର୍ଟ ସାହାଯ୍ୟ କରିପା ?ରେ, ଯାହା କହିଥିଲା ଯେ ସେଠାକାର ବାୟୁ ପ୍ରଦୂଷଣ କାରଣରୁ ୨୩୦ ସହର ୨୦୦୦ ସରିକି ବିଦେଶୀ ପୁଂଜି ନିବେଶର ସ୍ରୋତ ହରାଇଥିଲା । ସୁତରାଂ, ଭାରତ ସକାଶେ ଉଦ୍ ?ବିଗ୍ନ ହେବାର ଯଥାର୍ଥ କାରଣମାନ ରହିଛି । ତେବେ, ଏଭଳି ସ୍ଥିତିରେ ଦିଲ୍ଲୀ ବାୟୁ ପ୍ରଦୂଷଣ ସଂଦର୍ଭରେ ସରକାରଙ୍କ ପଦକ୍ଷେପ କେବଳ ଆତ୍ମରକ୍ଷାମୂଳକ ଏବଂ ସଂଯମ-ପ୍ରଧାନ ଭଳି ଦିଶିଥାଏ, ଯେମିତି ସ୍କୁଲ ଛୁଟି କରି ଦିଆଯିବା ବା ଗାଡ଼ିମଟର ବ୍ୟବହାର କମାଇବା ଇତ୍ୟାଦି । କିନ୍ତୁ ବିଶେଷଜ୍ଞମାନେ କହିଥାଆନ୍ତି ଯେ ଏଭଳି ବାୟୁ ପ୍ରଦୂଷଣ ପରିପ୍ରେକ୍ଷୀରେ ବିପୁଳ ଅର୍ଥ ବ୍ୟୟର ପ୍ରାବଧାନ ସହିତ ଅଧିକ ସକ୍ରିୟ ପଦକ୍ଷେ ?ପ ଜରୁରୀ । ଏହାର କେତେକ ଉଦାହରଣ ଦେଇ ସେମାନେ କହିଥାଆନ୍ତି ଯେ 'ପବ୍ଲିକ୍ ଟ୍ରାନ ?ସପୋଟର' ବା ସାଧାରଣ ପରିବହନ ବ୍ୟବସ୍ଥାରେ ବିକାଶ ଅଧିକ ଗୁରୁତ୍ୱ ଲାଭ କରିବା ଉଚିତ ଯାହା ସ୍ୱାଭାବିକ ଭାବେ ବ୍ୟକ୍ତିଗତ ଯାନବାହନ ବ୍ୟବହାରକୁ ହ୍ରାସ କରନ୍ତା ବା କୃଷକମାନଙ୍କ ନଡ଼ା-ପୋଡ଼ିର ବିକଳ୍ପ ରୂପେ ଉନ୍ନତ ପ୍ରଯୁକ୍ତିର ପ୍ରୟୋଗ ଆବଶ୍ୟକ କିଂବା ତାପଜ ବିଜୁଳି କେନ୍ଦ୍ରରେ 'ପ୍ରେସିପିଟେଟର' ବ୍ୟବହାର କରାଯାଇ ଚିମନି ଧୂଆଁରୁ ପାଉଁଶ ଅଂଶକୁ ବିଦାୟ ଦେଇ ହୁଅନ୍ତା ଅଥବା ଜୀବାଶ୍ମ ଇନ୍ଧନକୁ ବହିଷ୍କାର କରିବା ଉଦ୍ଦେଶ୍ୟରେ ନବୀକରଣକ୍ଷମ ସବୁଜ ଶକ୍ତି ଉତ୍ସର ବ୍ୟବହାର ଇତ୍ୟାଦି । କହିବା ବାହୁଲ୍ୟ, ଏଭଳି ପଦକ୍ଷେପମାନ ଅତ୍ୟନ୍ତ ବିଶାଳ ଅର୍ଥ ବ୍ୟୟ ଆବଶ୍ୟକ କରିବ । ଅବଶ୍ୟ, ଇତିମଧ୍ୟରେ କେନ୍ଦ୍ର ସରକାର କେତେକ ସକ୍ରିୟ ପଦକ୍ଷେପ ନେଇଛନ୍ତି, ଯେମିତି ୫୭,୬୩୦ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ସହରରେ ୧୦,୦୦୦ଟି ବିଦ୍ୟୁତ୍ ଚାଳିତ ବସ୍ ଚଳାଚଳର ବ୍ୟବସ୍ଥା ବା 'ଜାତୀୟ ବିଶୁଦ୍ଧ ବାୟୁ ଯୋଜନା'ରେ ?ର ଏକ ନିୟୁତରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରଗୁଡ଼ିକ ସେମାନଙ୍କ ପ୍ରଦୂଷଣ ସ୍ତରକୁ ବାର୍ଷିକ ୧୫% ହ୍ରାସ କଲେ ସେମାନଙ୍କ ଲାଗି ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା ବା 'ସାର୍ବଭୌ ?ମ ସବୁଜ ବଣ୍ଡ୍ ?ର ପ୍ରଚଳନ', ଯହିଁରୁ ଉପାର୍ଜିତ ଅର୍ଥ ସରକାର ପାରିବେଶିକ ଉନ୍ନତି ଦିଗରେ ବ୍ୟୟ କରିବେ । ଏହି ବଣ୍ଡ ଜରିଆରେ ଗଲା ଜାନୁଆରି ମାସ ସୁଦ୍ଧା ୮୦୦୦ କୋଟି ଟଙ୍କା ଉପଲବ୍ ?ଧ ହୋଇଛି । କିନ୍ତୁ ଏକ ଜଟିଳ ବାସ୍ତବତା ହେଲା ବାୟୁ ପ୍ରଦୂଷଣର ନିରାକରଣ ଉଦ୍ୟମ କେତେକ ଅତ୍ୟନ୍ତ ଅପ୍ରୀତିକର ବ୍ୟବସ୍ଥାଗତ ପରିବର୍ତ୍ତନ ଲୋଡ଼ିପାରେ ଏବଂ କେତେକ ସ୍ଥଳେ ଜନସାଧାରଣଙ୍କୁ ସେମାନଙ୍କ ଆରାମପ୍ରଦ ଇଲାକାରୁ ବାହାରି ଆସିବାକୁ ବାଧ୍ୟ କରିପାରେ । ଉଲ୍ଲେଖଯୋଗ୍ୟ ଯେ ଦୁଇ ଦଶନ୍ଧି ତଳେ ଚୀନର ରାଜଧାନୀ ସହର ବେଜିଂ ଥିଲା ପୃଥିବୀର ସର୍ବାଧିକ ପ୍ରଦୂଷିତ ସହର (ଏ.କ୍ୟୁ.ଆଇ. ହାରାହାରି ୮୦୦ରୁ ଅଧିକ), ଅଥଚ ସଂପ୍ରତି ପ୍ରଦୂଷିତ ସହରଗୁଡ଼ିକର ତାଲିକାରେ ଏହା ୨୨ତମ ସ୍ଥାନରେ ରହିଛି (ଏ.କ୍ୟୁ .ଆଇ. ୫୦ରୁ କମ୍ ?) । ଏକ ରିପୋର୍ଟ ଅନୁସା ?ର ୨୦୧୫ ମସିହା ବେଳକୁ ଦିଲ୍ଲୀର 'ଏ.କ୍ୟୁ.ଆଇ.'ରେ ୧୫% ବୃଦ୍ଧି ଓ ବେଜିଂର 'ଏ.କ୍ୟୁ.ଆଇ.'ରେ ୧୭% ହ୍ରାସ ସହିତ ଉଭୟ ସହରର ବାୟୁ ପ୍ରଦୂଷଣ ମାତ୍ରା ଅନୁସାରେ ସମାନ ସ୍ତରକୁ ଚାଲି ଆସିଥିଲେ । ଅଥଚ, ପରବର୍ତ୍ତୀ ସାତ ବର୍ଷ ମଧ୍ୟରେ ବାୟୁ ପ୍ରଦୂଷଣ ହ୍ରାସ କରିବାରେ ବେଜିଂ ଅଭୂତପୂର୍ବ ସଫଳତା ପ୍ରଦର୍ଶନ କରିଛି । ଏହା କେବଳ ସମ୍ଭବ ହୋଇଛି ବିପୁଳ ସରକାରୀ ବ୍ୟୟ, କଠୋର ପଦକ୍ଷେପ ଏବଂ ଖିଲାପକାରୀଙ୍କ ବିରୋଧରେ ଅତ୍ୟନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ବଳରେ । ସଂପ୍ରତି ପୃଥିବୀର ବୃହତ୍ତମ ଅତିକାୟ 'ଏୟାର ପ୍ୟୁରିଫାଏର' ବା 'ବାୟୁ ବିଶୁଦ୍ଧକ' ବେଜିଂରେ ନିର୍ମାଣାଧୀନ । କହିବାରେ ଦ୍ୱିଧା ନାହିଁ ଯେ ଗଣତାନ୍ତ୍ରିକ ଭାରତରେ ଚୀନ ସୁଲଭ କଠୋରତା ଅବଲମ୍ବନ କରାଯିବା ଅସମ୍ଭବ । ଏବଂ ଏହା ମଧ୍ୟ ସତ ଯେ କଠୋରତାର ଅଭାବରେ ସାଂପ୍ରତିକ ଭାରତୀୟମାନଙ୍କ ଉପଭୋଗକେ ?ନ୍ଦ୍ରିକ ଜୀବନଶୈ ?ଳୀ ଅନେକ ହିତକାରୀ କଟକଣାକୁ ଅମାନ୍ୟ କରିବ, ଯେମିତି ଦୀପାବଳି ସନ୍ଧ୍ୟାରେ ଘଟିଲା । ଏଭଳି ସ୍ଥଳେ କ୍ଷମତାରେ ଥିବା ରାଜନୈ ?ତିକ ଦଳଗୁଡ଼ିକ ବିଚାର କରିବା ଉଚିତ ଯେ ନିର୍ମଳ ପରିବେଶ ଓ ରାଷ୍ଟ୍ର ହିତ ପକ୍ଷ ନେଇ

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, PH:0661-769003




# ରୋଟାରୀ କ୍ଲବ୍ କୁଇନ୍ସର 'ସକ୍ଷମ' ମାଧ୍ୟମରେ ମହିଳା ସଶକ୍ତିକରଣ



ରାଉରକେଲା ,୯/୩ (ନି/ପ୍ର):ରାଉରକେଲା ରୋଟାରୀ କ୍ଲବ୍ କୁଇନ୍ସ ମହିଳା ସଶକ୍ତିକରଣ ପାଇଁ 'ସକ୍ଷମ' ନାମରେ ଏକ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିଛି। ଏହି 'ସକ୍ଷମ' ପ୍ରକଳ୍ପ ମାଧ୍ୟମରେ ସମାଜର ଅବହେଳିତ ମହିଳାଙ୍କୁ ଇ-ଅଟୋ ଦାନ ଦେବା ସହିତ ସେମାନଙ୍କ ଆର୍ଥିକ ସ୍ୱତନ୍ତ୍ରତାକୁ ଆଗେଇ ନେବାକୁ ପ୍ରୟାସ ଆରମ୍ଭ କରିଛି। ମହିଳାଙ୍କୁ ସଶକ୍ତିକରଣ ଏବଂ ସେମାନଙ୍କର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ଆଜି ରାଉରକେଲା ବ୍ରାହ୍ମଣୀ କ୍ଲବ୍ ଠାରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା ।ଏହି ଅବସରରେ ରୋଟାରୀ କ୍ଲବ କୁଇନ୍ସ ପକ୍ଷରୁ ୫ଟି ଇ-ଅଟୋ ହିତାଧିକାରୀ ମନ୍ଦାକିନୀ ମିଞ୍ଜ, ମନ୍ଦୋଦରୀ ବଡାଇକ, ମଞ୍ଜୁ ବିଭାର, ସନ୍ତୋଷୀ ସିଂ ଏବଂ ରଶ୍ମୀତାଙ୍କୁ ଦାନ କରିବା ସହିତ ସେମାନଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରିବା ପାଇଁ ପ୍ରଚେଷ୍ଟା କରାଯାଇଛି । ମୁଖ୍ୟ ଅତିଥି ଭାବରେ ବିଜୁ ଜନତା ଦଳ ଜିଲ୍ଲା ମହିଳା ସଭାନେତ୍ରୀ ମିସ୍ ଏମା ଏକ୍କାଙ୍କ ସମେତ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ମନଜିତ୍ ସିଂ ଏବଂ ପ୍ରଥମ ଲେଡି ରୋଟାରିଆନ ମଲିନ୍ଦର କୌର, ଆଡଭୋକେଟ୍ ସତ୍ୟ ଶର୍ମା, ପିଡିଜି ରୋଟାରିଆନ ଏଫ୍ ସି ମହାନ୍ତି, ଡିଏସଜି ରୋଟାରିଆନ ମଳୟ ମଣ୍ଡଳ, ସିଟି ସଂଯୋଜକ ରୋଟାରିଆନ ବିସୁ ଦେ, ଡିଜିଏନଡି ରୋଟାରିଆନ ଆଲାମ ସିଂ ରୂପ୍ରା, କ୍ଲବ ପରାମର୍ଶଦାତା ରୋଟାରିଆନ ଅଜୟ ଅଗ୍ରୱାଲଙ୍କ ସମେତ ରୋଟାରୀର ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏହାର ପ୍ରାୟୋଜକ ଯାହାଙ୍କ ବିନା ଏହା ସମ୍ଭବ ହୋଇନଥାନ୍ତା । ଏହି ପ୍ରକଳ୍ପଟି ମହିଳା ସଶକ୍ତିକରଣର ବ୍ୟାପକ ଲକ୍ଷ୍ୟ ସହିତ ସମାନ୍ତରାଳ ଭାବରେ ରୋଟାରୀ କ୍ଲବ୍ ଅଫ୍ ରାଉରକେଲା କୁଇନ୍ସର ସଦସ୍ୟମାନଙ୍କ ସମେତ ସଭାପତି ରୋଟାରିଆନ କିରଣ ଆରୋରା, ସମ୍ପାଦକ ରୋଟାରିଆନ ଗ୍ରିସ୍ମା ପରମାର, କୋଷାଧ୍ୟକ୍ଷା ରୋଟାରିଆନ ଅନୀତା ଲାଥ, ପ୍ରକଳ୍ପ ଅଧ୍ୟକ୍ଷ ରୋଟାରିଆନ ସୀମା ପୋଦ୍ଦାର, ସହ-ଚେୟାରମ୍ୟାନ୍ ରୋଟାରିଆନ ବରଖା ଗୁପ୍ତାଙ୍କ ସମେତ ଚାର୍ଟର ସଭାପତି ହରପାଲ ରୁପ୍ରା, ପିପି ରୋଟାରିଆନ ଅଭା ମୋହନ୍ତ, ପିପି ରୋଟାରିଆନ ରଶ୍ମୀ ଅଗ୍ରୱାଲ, ଆଇପିପି ରୋଟାରିଆନ ଶ୍ୱେତା ମଣ୍ଡଳ, ରୋଟାରିଆନ ଡ. ମନଭୀନ୍ କୌର, ରୋଟାରିଆନ କନୱଲଜିତ୍ କୌର, ରୋଟାରିଆନ କମଲପ୍ରୀତ କୌର, ରୋଟାରିଆନ ଲିପ୍ସା ମହାନ୍ତି, ରୋଟାରିଆନ ପ୍ରବଲୀନ କୌର, ରୋଟାରିଆନ ରଶ୍ମୀ ମହାଜନ ଏବଂ ରୋଟାରୀଲେଟ୍ ସାହେଜ୍। ରୋଟାରୀମାନଙ୍କ ଉଦ୍ୟମ ମହିଳାଙ୍କ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଉନ୍ନତି ପାଇଁ ସୁଯୋଗ ସୃଷ୍ଟି ଦିଗରେ ସେମାନଙ୍କର ପ୍ରତିବଦ୍ଧତାକୁ ଦର୍ଶାଏ ।

# ମହାଶିବରାତ୍ରି ଉପଲକ୍ଷେ ବେଦବ୍ୟାସ ପୀଠରେ ଆରମ୍ଭ ହେଲା ମେଳା



ରାଉରକେଲା,୯ /୩(ନି/ପ୍ର): ମହାଶିବରାତ୍ରି ଉପଲକ୍ଷେ ରାଉରକେଲାର ପବିତ୍ର ବେଦବ୍ୟାସ ପୀଠରେ ମେଳା ଆରମ୍ଭ ହୋଇଯାଇଛି । ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣି ମେଳା ପଡ଼ିଆରେ ଉପସ୍ଥିତ ରହି ବେଦବ୍ୟାସ ମେଳା ଓ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ରାଉରକେଲାର ପବିତ୍ର ବେଦବ୍ୟାସ ପୀଠର ପ୍ରସିଦ୍ଧ ମେଳା ଚଳିତ ବର୍ଷ ମହାଆଡମ୍ବର ସହକାରେ ପାଳନ କରାଯାଉଛି । ପୂର୍ବରୁ ୧୫ ଦିନ ଧରି ଅୟୋଜିତ ହେଉଥିବା ଏହି ମେଳାକୁ ଚଳିତ ବର୍ଷ ସାଧାରଣ ନିର୍ବାଚନ ଯୋଗୁଁ ୧୦ ଦିନ କରିବାପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି । ଏହା ଆସନ୍ତା ମାର୍ଚ୍ଚ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥି ସହ ମେଳା ଅବସରରେ ତିନି ଦିନ ଧରି ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ଆୟୋଜିତ କରାଯାଉଛି । ଜିଲ୍ଲା କୃଷି ବିଭାଗ ସମେତ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, ପାନପୋଷ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ପ୍ରଦର୍ଶନୀ ଷ୍ଟଲ୍ କରାଯାଇ ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଉଛି । ଏତଦ୍ ବ୍ୟତୀତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ଶ୍ରମ ବିଭାଗ, ଆଂଚଳିକ ପରିବହନ ବିଭାଗ ସହ ଆଂଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ତରଫରୁ ଦିଆଯାଉଥିବା ବିଭିନ୍ନ ସହାୟକ ଉପକରଣ ଓ ସମନ୍ୱିତ ଭୌତିକ ଚିକିତ୍ସା କେନ୍ଦ୍ର ବିଷୟରେ ଲୋକଙ୍କୁ ସଚେତନ କରାଇବା ନିମନ୍ତେ ମଧ୍ୟ ଷ୍ଟଲ୍ କରାଯାଇଛି । ଏହି ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ୧୦ଦିନ ଧରି ଚାଲିବାକୁ ଥିବା ଏହି ମେଳାକୁ ସୁରୁଖୁରୁରେ ଶେଷ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ରାଉରକେଲା ମହାନଗର ନିଗମ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହି ଅବସରରେ ପାନପୋଷ ଉପ ଜିଲ୍ଲାପାଳ ବିଜୟ ନାୟକ, ପିଏ ଆଇଟିଡିଏ ପରମାନ୍ଦ ପୃଷ୍ଟି , ଜିଲ୍ଲା କୃଷିଅଧିକାରୀ ରଲିଜିୟସ ଟ୍ୱିକେ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫତିମା ଏକ୍କାଙ୍କ ସହ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ବେଦବ୍ୟାସ ଟ୍ରଷ୍ଟ ବୋର୍ଡର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ସାପ୍ତାହିକ ହାଟରେ ଯୁବକଙ୍କୁ ଗୁଳିମାଡ଼

## ମୁଖ୍ୟ ଅଭିଯୁକ୍ତ ସହ ୩ ଯୁବକ ଗିରଫ



ରାଉରକେଲା, ୯/୩ (ନି/ପ୍ର): ବେଦବ୍ୟାସ କଲୁଙ୍ଗାର ଜନଗହଳିପୂର୍ଣ୍ଣ କରୁଆବାହାଲ ସାପ୍ତାହିକ ହାଟରେ ଶୁକ୍ରବାର ଅପରାହ୍ନରେ ଗୁଳିକାଣ୍ଡ ହୋଇଛି । ଜଣେ ଯୁବକଙ୍କ ଗୁଳିରେ ଅନ୍ୟଜଣେ ଯୁବକ ଗୁରୁତର ହୋଇଛନ୍ତି । ତାଙ୍କ ପିଠିରେ ଗୋଟିଏ ଗୁଳି ବାଜିଛି । ତାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍?)ରେ ଭର୍ତ୍ତି କରାଯାଇଛି । ଡାକ୍ତର ଅସ୍ତ୍ରୋପଚାର ପରେ ପିଠିରେ ପଶିଥିବା ଗୁଳିକୁ ବାହାର କରିଦେଇଛନ୍ତି । ଜମି କିଣାବିକା କିମ୍ବା ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଳିକାଣ୍ଡ ହୋଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଫେରାର ମୁଖ୍ୟ ଅଭିଯୁକ୍ତ ସମେତ ୩ ଜଣଙ୍କୁ ବ୍ରାହ୍ମଣୀତରଙ୍ଗ ଓ କୁଆରମୁଣ୍ଡା ଫାଣ୍ଡି ପୁଲିସ କୁଆରମୁଣ୍ଡା ବଜାରର ଏକ ମଦ ଦୋକାନ ନିକଟରୁ ଗିରଫ କରିଛି । ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ବଡମାରେନର ସୁନୀଲ ମାଝି (୪୦), ବିନୟ ଲୋହାର (୧୯) ଓ ଝାଡ଼ଖଣ୍ଡର ବିଶାଳ ସିଂହ (୪୮) । ଏମାନଙ୍କ ନିକଟରୁ ପୁଲିସ ୨ଟି ଦେଶୀ ପିସ୍ତଲ, ୭ ଅଫୁଟା ଗୁଳି ଜବତ କରିଛି । ଗିରଫ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି । ଗୁଳିକାଣ୍ଡ ପରେ ସପ୍ତାହିକ ହାଟର ସୁରକ୍ଷାକୁ ନେଇ ବ୍ୟବସାୟୀ ଓ ସ୍ଥାନୀୟ ଲୋକ ପ୍ରଶ୍ନ ଉଠାଇଛନ୍ତି । ଗୁଳିକାଣ୍ଡ କରିଥିବା ୩ ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅଭିଯୁକ୍ତମାନଙ୍କ ନାଁରେ ଏକାଧିକ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ମୁତାବକ କଲୁଙ୍ଗା କରୁଆବାହାଲ ବଜାରଦାଣ୍ଡ ବସ୍ତିରେ ସୁରେଶ ସୁରିନ (୩୨) ରହନ୍ତି । ଗତ ଦୁଇ ବର୍ଷ ଧରି ସୁନୀଲ ମାଝି ସହ ଜମିବାଡ଼ି କିଣାବିକାକୁ ନେଇ କଳିଝଗଡ଼ା ଲାଗି ରହିଥିଲା । ଗୁରୁବାର କେ ?ଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଆଜି ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ସୁରେଶ କରୁଆବାହାଲ ସାପ୍ତାହିକ ହାଟକୁ ସଉଦା କରିବାକୁ ଆସିଥିଲେ । ହାଟରେ ଅନ୍ୟ ଜଣଙ୍କ ସହ କଥା ହେଉଥିଲାବେଳେ ଏକ ବାଇକ୍‌ରେ ସୁନୀଲ, ବିନୟ ଓ ବିଶାଳ ପହଂଚି ପାଟିତୁଣ୍ଡ କରିଥିଲା । ପ୍ରତିବାଦ କରିବାରୁ ସୁନୀଲ ପକେଟରୁ ଏକ ଦେଶୀ ବନ୍ଧୁକ ବାହାର କରି ସୁରେଶଙ୍କ ଉପରକୁ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲା । ଗୁଳିଟି ତାଙ୍କ ପଛପାର୍ଶ୍ୱ ପିଠିରେ ବାଜିବାରୁ ସେ ଗୁରୁତର ହୋଇ ତଳେ ପଡିଯାଇଥିଲେ । ଗୁଳିକାଣ୍ଡ ପରେ ସୁନୀଲ, ବିନୟ ଓ ବିଶାଳ ଘଟଣାସ୍ଥଳରୁ ବାଇକ ଯୋଗେ ଫେରାର ହୋଇଯାଇଥିଲା । ସୁରେଶଙ୍କୁ ଗୁରୁତର ଅବସ୍ଥା ତାଙ୍କ ବଡଭାଇ ଗସମର ଓ ଅନ୍ୟମାନେ ଉଦ୍ଧାର କରି ଆରଜିଏଚ୍‌କୁ ଆଣିଥିଲେ । ଖବର ପାଇ କଲୁଙ୍ଗା ଫାଣ୍ଡି ପୁଲିସ ସୁନୀଲ ଓ ତା'ର ଦୁଇ ସହଯୋଗୀଙ୍କ ପିଛା କରିଥିଲେ ହେଁ, ତା'ର ପତା ମିଳିନଥିଲା । ଫେରାର ତିନି ଯୁବକ କଲୁଙ୍ଗାରୁ ଚମ୍ପଟମାରି କୁଆରମୁଣ୍ଡା ବଜାରରେ ପହଂଚି ଏକ ମଦଦୋକାନକୁ ଯାଇଥିଲେ । ସେଠାରେ ମଦ ଦୋକାନୀକୁ ମଦ ମାଗିବା ସହ ଚାନ୍ଦା ଦେବାକୁ ଧମକ ଚମକ ଦେଇଥିଲେ । ଯାହାକୁ ନେଇ ମଦଦୋକାନରେ କାର୍ଯ୍ୟରତ କର୍ମଚାରୀ ଓ ତିନି ଅଭିଯୁକ୍ତମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ପିଛା କରିଥିବା ବ୍ରାହ୍ମଣୀତରଙ୍ଗ ଓ କୁଆରମୁଣ୍ଡା ଫାଣ୍ଡି ପୁଲିସ ପହଂଚି ମଦଦୋକାନ ନିକଟରୁ ତିନିଜଣଙ୍କୁ କାବୁ କରିଥିଲେ ।



ମାତା ପୂଜାକୁ ନେଇ ଅଲ୍ ଓଡ଼ିଶା କିନର ସମ୍ମିଳନୀ ପକ୍ଷରୁ ଆଜି ଅମର ଭବନ ସମ୍ମୁଖରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ମୁଖ୍ୟମାର୍ଗ ଦେଇ ଉଦିତନଗର ଆମ୍ବେଦକର ଛକ ପହଂଚିଥିଲା, ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ସମାଜ ହିତ ତଥା ସୁଖସମୃଦ୍ଧି ପାଇ କରାଯାଇଥିଲା ।

# ଜାତୀୟ ଲୋକ ଅଦାଲତରେ ବିଭିନ୍ନ ମାମଲାର ଶୁଣାଣି

## ଜରିମାନା ଆଦାୟ

ରାଉରକେଲା,୯ /୩(ନି/ପ୍ର):ଆଜି ରାଉରକେଲା ନୂତନ କୋର୍ଟ ପରିସରରେ ଜାତୀୟ ଲୋକ ଅଦାଲତକୁ ନେଇ ବିଭିନ୍ନ ମାମଲାର ଶୁଣାଣି ହେବା ସହ ଜରିମାନା ଆଦାୟ କରାଯାଇଥିଲା । ବିଶେଷ କରି ଏହି ଅଦାଲତରେ ୬୦ଟି ଦୁର୍ଘଟଣାଜନିତ ମାମଲାରେ ୩ କୋଟି ୮୩ ଲକ୍ଷ ୫୭ ହଜାର ଜରିମାନା ଆଦାୟ କରାଯାଇଥିଲା । ଏହା ସହ ୪୮ ଏନଆଇ ମାମଲାରେ (ଚେକ୍ ବାଉନ୍ସ )୮୮.୭୫ ୩୪୦ ଟଙ୍କା ଆଦାୟ କରାଯାଇଥିଲା । ଏହା ସହ ୨୫୨ ଫୌଜଦାରୀ ମାମଲା ସହ ୨୩ ରିକଭରି ମାମଲା ସହ ଅନ୍ୟାନ୍ୟ ମାମଲାର ଶୁଣାଣି କରାଯାଇଥିଲା । ମୋଟ୍ ୩୯୭ ମାମଲା ଉପରେ ଆଜି ଶୁଣାଣି କରାଯାଇଥିଲା । ଏହି ଜାତୀୟ ଲୋକ ଅଦାଲତରେ ୨ୟ ଏଡ଼ିଜେ ଶ୍ରୀ ମନୋଜ କୁମାରଙ୍କ ସହ ପରିବାର କୋର୍ଟର ବିଚାରପତି ବିଦ୍ୟୁତ କୁମାର ମିଶ୍ର , ସିଭିଲ ଜର୍ଜ ରାଉରକେଲା ଶ୍ରୀମତି ସାବିତ୍ରୀ ନାୟକ, ଏସଡ଼ିଜେଏମ୍ ପାନପୋଷ ଏ. ପୂଜାରୀ, ସିଭିଲ ଜର୍ଜ ଜୁନିୟର ଡ଼ିଭିଜନ ରାଉରକେଲା ଶ୍ର ଚରଣ କୁମାର ଜେନା , ଜେଏମଏଫସି ରୁରାଲ ରାଉରକେଲା ଶ୍ରୀ ସୌରଭ ଶର୍ମା, ଜେଏମଏଫସି ରାଉରକେଲା ଶ୍ରୀ ଉମାକାନ୍ତ ବେହେରା, ଜେଏମଏସସି ରାଉରକେଲା ଶ୍ରୀ କରନିକା ଘୋଷ ଏହା ସହ ଆଇନଜୀବୀ ସତ୍ୟ ନାରାୟଣ ମହାପାତ୍ର, ସମାଜସେବୀ ନିନାରାଣୀ ଜେନା,ଅମୂଲ୍ୟ ମହାପାତ୍ର, ନିର୍ମଳ ସ୍ୱାଇଁ, ଦଣ୍ଡପାଣି ଚୌଧୁରୀ, ଶ୍ରୀ ସରଙ୍ଗୀ, ରାଜେଶ କେରକେଟ୍ଟା ସହ ଅନ୍ୟ ଆଇନଜୀବୀ ଉପସ୍ଥିତ ଥିଲେ ।



# ମହାତ୍ମାଗାନ୍ଧୀ ଜୟନ୍ତି କମିଟି ପକ୍ଷରୁ ଆନ୍ତର୍ଜାତୀକ ମହିଳା ଦିବସ ପାଳିତ

## ବିଜୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ କମିଟିର ଦୃଢ ଦାବି



ରାଉରକେଲା, ୯/୩ (ନି/ପ୍ର): ମହାତ୍ମା ଗାନ୍ଧୀ ଜୟନ୍ତି କମିଟି ଆନୁକୂଲ୍ୟରେ ଆନ୍ତର୍ଜାତୀକ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଗଙ୍ଗାଧରପାଲ୍ଲୀ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ସଭାପତି ପ୍ରସନ୍ନ କୁମାର ତ୍ରିପାଠୀ ଅଧ୍ୱକ୍ଷତା କରି କହିଲେ ଯେ ଏକ ସୁସ୍ଥ ଏବଂ ସଶକ୍ତ ସମାଜ ଗଠନରେ ମହିଳା ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ୧୯୯୨ ମସିହାରେ ରାଉରକେଲା ସାକ୍ଷରତା ସମିତିର ଅଧ୍ୱକ୍ଷ ତଥା ପ୍ରାକ୍ତନ ଅତିରିକ୍ତ ଜିଲ୍ଲାପାଳ ଅସିତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ପ୍ରଥମ କରି ସହରରେ ଆନ୍ତର୍ଜାତୀକ ମହିଳା ଦିବସ ପାଳନ କରାଯାଇ ମହିଳା ମାନଙ୍କୁ ସ୍ୱାବଲମ୍ବୀ ଓ ସମର୍ପିତ ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା । ତେଣୁ ମହିଳାମାନଙ୍କ ବିଚାରଧାରାରେ ଅନେକ ପରିବର୍ତ୍ତନ ଆସିଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡିଶୀ ନୃତ୍ୟଗୁରୁ ପଦ୍ମିନୀ ପାଣିଗାହୀ ଯୋଗଦେଇ ନିଜ ବକ୍ତବ୍ୟରେ ନାରୀମାନଙ୍କ ଭୂମିକା ସଂପର୍କରେ ଅବତାରଣ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୁର୍ବତନ କାଉନସିଲର ଫିଲିସିତା ଲାକ୍ରା ଯୋଗଦେଇ ମହିଳା ମାନଙ୍କୁ ଉପଯୁକ୍ତ ମର୍ଯ୍ୟଦା ଦେବା ସହ ସବୁ ସ୍ତରରେ ସେମାନଙ୍କୁ ସହଯୋଗ କଲେ ଏକ ପ୍ରଗତିଶୀଳ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ରବିନ୍ଦ୍ର ସାମଲ ଓ ସୁଷମା ପରିଡା ମଧ୍ୟ ଦିବସର ଯଥାର୍ଥତା ଉପରେ ଆଲୋକପାତ କରିଥିଲେ । କମିଟିର ସାଧାରଣ ସଂପାଦିକା ସବିତା ଖାତୁନ ନିଜ ସଂପାଦକୀୟ ବିବରଣୀରେ କହିଲେ ଯେ ମହିଳା ମାନେ ସମାଜର ମେରୁଦଣ୍ଡ । ସେମାନଙ୍କୁ ସମାଜର ବିଶ୍ୱସ୍ତ ଭାବେ ପରିଗଣିତ କରାଯିବା ଦରକାର । ପ୍ରବାଦ ପୁରୁଷ ବିଜୁ ବାବୁ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଥିଲେ । ତାଙ୍କର ନିଷ୍ଠା ଓ ତ୍ୟାଗ ପ୍ରତି ଓଡିଶାବାସୀ ସଚେତନ ଥିବା ବେଳେ ମହାତ୍ମଗାନ୍ଧୀ ଜୟନ୍ତି କମିଟି ତାଙ୍କୁ ଭାରତରତ୍ନ ପ୍ରଦାନ ନେଇ ବିଗତ ୧୦ ବର୍ଷ ହେଲା ଦାବୀ କରି ଆସୁଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଆଖପାଖ ଅଂଚଳର ଶତାଧିକ ମହିଳା ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ କମିଟିର ସଦସ୍ୟା ପ୍ରତିମା ଦାସ, ପ୍ରଣତୀ ବେହେରା, ପୁଷ୍ପାଂଜଳୀ କୁଆ, ସୁଚିତ୍ରା ଟେଟେ ପୂର୍ଣ୍ଣ ସହଯୋଗ କରିଥିଲେ । ଶେଷରେ ଅଙ୍ଗନବାଡି କେନ୍ଦ୍ରର ସହାୟକ ଆରତୀଲତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।